୨୭ ଜୁଲାଇ ୨୦୨୫ ରବିବାର

ସମୟ
ଚହଲି



ମନୋରଞ୍ଜନରୁ ମୁଣ୍ଡବିନ୍ଧା

ରିଲ୍ସ କହିଲେ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଥିବା ମାତ୍ର ଏକରୁ ଦେଢ ମିନିଟର ସର୍ଟ ଭିଡିଓକୁ ବୁଝାଇଥାଏ । ଏହାକୁ ଦେଖିଦେଖି କେତେବେଳେ ଘଣ୍ଟାଘଣ୍ଟା ସମୟ ବିତିଯାଇଥାଏ ତାହାର ସୂଚନା ମିଳିନଥାଏ । ଏହାକୁ ବର୍ତ୍ତମାନ ଏକ ପ୍ରକାର ନିଶା ସହିତ ମଧ୍ୟ ତୂଳନା କରାଯାଉଛି । ସୋସିଆଲ ମିଡିଆ ଖୋଲିଲେ ଛୋଟଛୋଟ ରିଲ୍ସ ଆପଣଙ୍କ ପେଜରେ ଶୋ କରିବା ଆରମ୍ଭ ହୋଇଥାଏ । ଏଥିରେ ଗୀତ,ଗପ, ମଜାକଥା, ନାଚ, ବିଭିନ୍ନ ସ୍ଥାନ ସମ୍ପର୍କରେ ତଥ୍ୟ ଭଳି ବିଭିନ୍ନ ପ୍ରକାର ଭିଡିଓ ସାମିଲ ରହିଥାଏ । ଏଥିରେ କିଛିକିଛି ତଥ୍ୟ ଏଭଳି ରହିଥାଏ ଯାହା ଆମର ଦୈନନ୍ଦିନ ଜୀବନରେ କାମରେ ମଧ୍ୟ ଆସିଥାଏ । ସେହିଭଳି କିଛି ତଥ୍ୟ ପ୍ରଦାନକାରୀ ରିଲ୍ସ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥାଏ । ଏହି ରିଲ୍ସ ବିଶେଷଭାବେ ଫେସବୁକ, ଇନଷ୍ଟାଗ୍ରାମ ଓ ୟୁଟ୍ୟୁବ ଭଳି ସୋସିଆଲ ପ୍ଲାଟଫର୍ମରେ ଦେଖିବାକୁ ମିଳିଥାଏ । ଏଗୁଡିକରେ ବିଶ୍ୱର ବିଭିନ୍ନ କଣ୍ଟେଣ୍ଟ ଦେଖିବାକୁ ମିଳିଥାଏ । ତେବେ ଏହା ଯେତିକି ଶିକ୍ଷଣୀୟ ହୋଇଥାଏ ସେତିକି ଖରାପ ମଧ୍ୟ ହୋଇଥାଏ । ଏହାର ଅନେକ ନକରାତ୍ମକ ପ୍ରଭାବ ରହିଛି ଯାହା ଶାରିରୀକ ଓ ମାନସିକସ୍ୱାସ୍ଥ୍ୟ ଉପରେ ପଡିଥାଏ । ଏହା ଅନେକ ଶିଶୁଙ୍କର ବର୍ତ୍ତମାନ ବିଭିନ୍ନ ସମସ୍ୟାର କାରଣ ସାଜୁଛି । ଏଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ଦେଖିବାକୁ ମିଳୁଛି ଯାହା ସୋସିଆଲ ମିଡିଆର ରିଲ୍ସ କାରଣରୁ ଆରମ୍ଭ ହେଉଛି । ତେଣୁ ବର୍ତ୍ତମାନ ଅଭିଭାବକଙ୍କ ଉପରେ ଏହା ଏକପ୍ରକାର ଚାପ ପକାଇବା ଆରମ୍ଭ କରିଛି । ଆସନ୍ତୁ ସେହିଭଳି କିଛି ପ୍ରଭାବ ସମ୍ପର୍କରେ ଜାଣିବା ।

ନକରାତ୍ମକ ପ୍ରଭାବ

ସୋସିଆଲ ମିଡିଆରେ ବର୍ତ୍ତମାନ ବହୁଳମାତ୍ରାରେ ରିଲ୍ସର ବ୍ୟବହାର ଦେଖିବାକୁ ମିଳୁଛି । ଛୋଟଠାରୁ ବଡ ବିଭିନ୍ନ ବର୍ଗର ଲୋକମାନେ ରିଲ୍ସ ଦେଖୁଥିବାର ଘଟଣା ସାମନାକୁ ଆସୁଛି । ବିଶେଷଭାବେ ଶିଶୁମାନଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି । ତେବେ ଆସନ୍ତୁ ଜାଣିବା ଆଗ ଦୈନନ୍ଦିନ ଜୀବନଉପରେ ଏହାର କଣ ସବୁ ନକରାତ୍ମକ ପ୍ରଭାବ ରହିଛି ।

କମାଇଥାଏ ଏକାଗ୍ରତା

ସବୁସମୟରେ ରିଲ୍ସ ଦେଖିବା ବିଶେଷଭାବେ ଆମ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଏହା ସମସ୍ତଙ୍କର ଏକାଗ୍ରତା କମାଉଥିବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । କ୍ରମାଗତ ଭାବେ ଖୁବ କମ ସମୟର ଛୋଟଛୋଟ ଭିଡିଓ ଦେଖିବା ଆମ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ଯାହାଦ୍ୱାରା ଗୋଟିଏ ଅଧିକ ସମୟ କାମ କରିବା ଉପରେ ଆଉ ଏକାଗ୍ରତା ରହିନଥାଏ । ଏପରିକି ଯେଉଁମାନେ ଅଧିକ ସମୟ ରିଲ୍ସ ଦେଖନ୍ତି ସେମାନେ ଅଧିକ ସମୟ ଧରି କଥା ମଧ୍ୟ ହୋଇପାରନ୍ତି ନାହିଁ । ଏହାର ପ୍ରଭାବ ମସ୍ତିଷ୍କ ଉପରେ ଖୁବ ଅଧିକ ରହିଥାଏ । ସେମାନେ ଗୋଟିଏ କାମ ଉପରେ ମନଧ୍ୟାନ ଦେଇ ପାରନ୍ତି ନାହିଁ, ଯାହା ଫଳରେ ଦୈନନ୍ଦିନ ଜୀବନରେ ସେମାନଙ୍କୁ ସମସ୍ୟାରେ ସମସ୍ୟାରେ ପକାଇଥାଏ ।

କମିଥାଏ ଉତ୍ପାଦକତା

ସବୁଠାରୁ ଅଧିକ ପ୍ରଭାବ ଆମର ଉତ୍ପାଦକତା ଉପରେ ପଡିଥାଏ । ଯେଉଁମାନେ ଅଧିକ ରିଲ୍ସ ଦେଖିଥାଆନ୍ତି ସେମାନଙ୍କର ଉତ୍ପାଦକ ବା ସୌଜନ୍ୟଶୀଳତା କମିଥାଏ ବୋଲି ଅନେକ ଉଦାହରଣ ରହିଛି । ଅନେକ ସମୟରେ ରିଲ୍ସ ଦେଖିବା ଏକ ନିଶାରେ ପରିଣତ ହୋଇଥାଏ, ଯାହାପରେ ଆମ ମସ୍ତିଷ୍କରେ ଏହି ସମ୍ପର୍କିତ ତଥ୍ୟ ଘୁରିବୁଲିଥାଏ । ତେଣୁ ଆମର ଉତ୍ପାଦକତା ବା ସୌଜନ୍ୟଶୀଳତା କମିବାରେ ଲାଗିଥାଏ । ବେଳେବେଳେ ଅଳ୍ପ ସମୟର ବ୍ରେକ ନେଇ ରିଲ୍ସ ଦେଖା ଆରମ୍ଭ ହେବା ପରେ ଏହା ଘଣ୍ଟାଘଣ୍ଟାରେ ପରିଣତ ହୋଇଥାଏ । ତେବେ ଏହା କାର୍ଯ୍ୟଶୈଳୀ

ଆଜିକାଲିର ଯୁଗକୁ ସୋସିଆଲ ମିଡିଆର ଯୁଗ କହିଲେ ଭୁଲ ହେବ ନାହିଁ । ସମସ୍ତ କାମ ପାଇଁ ସୋସିଆଲ ମିଡିଆର ବ୍ୟବହାର ବହୁଳ ରହୁଛି । ତେବେ ଏହି ସୋସିଆଲ ମିଡିଆରେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ବିଷୟବସ୍ତୁହେଲା ରିଲ୍ସ । ଯାହା ବର୍ତ୍ତମାନ ଯୁବପିଢିକୁ ପାଗଳ କରିଛି ବୋଲି ଚର୍ଚ୍ଚା ହେଉଛି । ତେବେ ଆସନ୍ତୁ ପଢିବା ଏହାର ଭଲ ଓ ଭେଲ ସମ୍ପର୍କରେ ।



ଓ ଦକ୍ଷତା ଉପରେ ପ୍ରଭାବ ପକାଇଥାଏ । ଲୋକଙ୍କର ସ୍କୁଲ, କଲେଜ, ପାଠପଢା, ଅଫିସ କାମ, ଏପରିକି ଘର କାମ ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଇଥାଏ । ରିଲ୍ସ ଦେଖିବା ଫଳରେ ସେମାନଙ୍କର ଅନେକ ସମୟ ନଷ୍ଟ ହୋଇଥାଏ, ଯାହା କାମକୁ ନଷ୍ଟ କରିଥାଏ । ଏହି କାରଣରୁ ଅନେକ କାମ ଅଧାରେ ମଧ୍ୟ ଅଟକି ରହିଥାଏ । ଲୋକମାନେ ନିଜ ଦାୟିତ୍ୱ ଭୁଲି ରିଲ୍ସ ଦେଖାରେ ଲାଗିଯାଆନ୍ତି, ଯାହା କାମକୁ ଖରାପ କରିଥାଏ ।

ମାନସିକ ସମସ୍ୟା

ଅଧିକ ରିଲ୍ସ ଦେଖିବା ଫଳରେ ଏହାର ସବୁଠାରୁ ଅଧିକ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡିଥାଏ । ଆଜିକାଲି ଅନେକ ଛୋଟ ପିଲାଙ୍କର ମାନସିକ ସ୍ୱାସ୍ଥ୍ୟ ଭଲ ରହୁନାହିଁ । ଅର୍ଥାତ ସେମାନେ ପାଠ ପଢା କିମ୍ବା ଅନ୍ୟ କୌଣସି କଥା ଉପରେ ଧ୍ୟାନ କେନ୍ଦ୍ରିତ କରିପାରୁ ନାହାନ୍ତି । ତେବେ ଏହାର କାରଣ ଭାବେ ଅନେକ ଡାକ୍ତର ମୋବାଇଲର ରିଲ୍ସକୁ ଦୋଷ ଦେଉଛନ୍ତି । ସେମାନେ ଅଧିକ ସମୟ ରିଲ୍ସ ଦେଖିବା ଫଳରେ ସେମାନଙ୍କୁ ଯେପରି ନିଶା ହୋଇଯାଉଛି ଏବଂ ସେମାନଙ୍କର ଧ୍ୟାନ ଅନ୍ୟକେଉଁଆଡେ ପଡୁନାହିଁ। ଯାହାଫଳରେ ସେମାନେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ଅସମର୍ଥ ହେଉଛନ୍ତି । ଅନେକ ସମୟରେ ସେମାନଙ୍କ ନିକଟରେ ଅଧିକ ରାଗ ମଧ୍ୟ ଦେଖିବାକୁ ମିଳୁଛି । କୌଣସି କଥାପାଇଁ ଏମାନେ ଜିଦି କଲେ ଯମା ଶୁଣୁନାହାନ୍ତି । କୌଣସି କଥା ପାଇଁ ମନାକଲେ କ୍ରୋଧ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ଏହି ସମସ୍ତ ପ୍ରକାରର ମାନସିକ ଅବସ୍ଥା ବିଶେଷଭାବେ ଟିନ୍ ଏଜେ ବା କିଶୋରଙ୍କ ନିକଟରେ ବେଶି ଦେଖିବାକୁ ମିଳୁଛି । ଏହା ବର୍ତ୍ତମାନ ଅଭିଭାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି । ଏଗୁଡିକର ପ୍ରଭାବ ବିଶେଷଭାବେ ସେମାନଙ୍କ ପାଠପଢା ଉପରେ ପଡୁଥିବା ଦେଖିବାକୁ ମିଳୁଛି । ସେମାନେ କୌଣସି ବିଷୟବସ୍ତୁକୁ ଖାତାରେ ଲେଖିବାକୁ କୁଣ୍ଠାବୋଧ କରୁଛନ୍ତି । ଏପରିକି ପରୀକ୍ଷା ଖାତାରେ ମଧ୍ୟ ସେମାନେ ଉତ୍ତର ଲେଖିବାରେ ସକ୍ଷମ ହୋଇ ପାରୁନହାନ୍ତି । ହେଲେ କୌଣସି ବିଷୟ ସମ୍ପର୍କରେ ମୋବାଇଲରେ ଦେଖିବାକୁ ସେମାନଙ୍କ ଭିତରେ ଅନେକ ଆଗ୍ରହ ଦେଖିବାକୁ ମିଳୁଛି ।

ବଢୁଛି ନିଃସଙ୍ଗତା

ବିଶେଷଭାବେ ରିଲ୍ସ ଦେଖିବାପରେ ଛୋଟଛୁଆଙ୍କର ନିଃସଙ୍ଗତା ବଢୁଥିବା

ଦେଖିବାକୁ ମିଳୁଛି । ସେମାନେ ସବୁବେଳେ ଫୋନରେ ରହିବାକୁ ପସନ୍ଦ କରୁଛନ୍ତି । ନିଜ ପାଠପଢା ଓ ଅନ୍ୟ କାର୍ଯ୍ୟରୁ ଫୁରସତ ମିଳିଲେ ସଙ୍ଗେସଙ୍ଗେ ଫୋନରେ ରିଲ୍ସ ଦେଖିବାରେ ଲାଗିଯାଉଛନ୍ତି, ଯାହାଫଳରେ ବାସ୍ତବ ଦୁନିଆରୁ ଦୂରେଇ ଯାଉଛନ୍ତି । ଏପରିକି ନିଜ ସାଙ୍ଗ ସାଥୀଙ୍କ ସହିତ ମଧ୍ୟ ସମୟ ବିତାଉନାହାନ୍ତି । ଖେଳ କୁଦ ପ୍ରତି ଆଗ୍ରହ ରହୁନାହିଁ, ଯାହା ସେମାନଙ୍କର ମାନସିକ ଓ ଶାରିରୀକ ଉଭୟ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି । ଧୀରେଧୀରେ ସେମାନେ ନିଜର ଏକ ଦୁନିଆ ନିର୍ମାଣ କରୁଛନ୍ତି, ଯେଉଥିରେ ନିଜେ ଏକା ବଞ୍ଚୁଛନ୍ତି । ରିଲ୍ସ ଦେଖି ନିଜ ଜୀବନକୁ ସବୁବେଳେ ଅନ୍ୟମାନଙ୍କ ସହିତ ତୁଳନା କରୁଛନ୍ତି, ଯାହା ସେମାନଙ୍କ ଜୀବନର ଗତିପଥ ବଦଳାଇଦେଉଛି । ସମସ୍ତଙ୍କ ଠାରୁ ସେମାନଙ୍କୁ ଅଲଗା କରିଦେଉଛି । ଏହିପରି ରହିବା ଫଳରେ ସେମାନଙ୍କ ଭିତରେ ନିଶା ଓ ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳୁଛି । ତେଣୁ ଆଜିକାଲି ମୋବାଇଲ ଠାରୁ ଦୂରରେ ରହି ବାସ୍ତବ ଜୀବନ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ବିପଦକୁ ଆମନ୍ତ୍ରଣ

ଆଜିକାଲି ରିଲ୍ସର ଖୁବ ଅଧିକ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଯିଏ ଯେତେ ଭଲ ରିଲ୍ସ କରୁଛି ସେ ସେତେ ଫେମସ ହେଉଛି । ତେଣୁ ବର୍ତ୍ତମାନ ଏହା ଏକ ପ୍ରକାର ଜିଦିରେ ପରିଣତ ହୋଇଛି । ସେଥିପାଇଁ ବିଭିନ୍ନ ପ୍ରକାର ବିପଦ ମଧ୍ୟ ଦେଖିବାକୁ ମିଳୁଛି । ରିଲ୍ସରେ ଲାଇକ୍ ପାଇବା ଆଶାରେ ପିଲାମାନେ ବିପଦକୁ ନିମନ୍ତ୍ରଣ କରୁଥିବା ଦେଖିବାକୁ ମିଳୁଛି । କେଉଁଠି ଟ୍ରେନଟ୍ରାକରେ ଶୋଇ ରିଲ୍ସ କରିଲେଣି



ଟିପ୍ସ

ରିଲ୍ସ କରିବା ହେଉ କିମ୍ବା ଦେଖିବା ବର୍ତ୍ତମାନ ଯେପରି ଏକ ସମସ୍ୟାରେ ପରିଣତ ହୋଇଛି, ଏହାକୁ ନିୟନ୍ତ୍ରଣ କରିବାପାଇଁ କିଛି ପଦକ୍ଷେପ ନେବାକୁ ପଡିବ । ଯାହା ଖୁବ ସହଜ ହେବାସହ ପ୍ରଭାବଶାଳୀ । ଏଭଳି ଛୋଟଛୋଟ କଥାକୁ ଉଭୟ ପିଲା ଓ ଅଭିଭାବକ ମାନିଲେ ଏହି ସମସ୍ୟାର ସମାଧାନ ହୋଇପାରିବ । ବର୍ତ୍ତମାନ ଏକ ନୂଆ ନିଶା ପାଲଟିଥିବା

ତ ଆଉ କେଉଁଠି ପାହାଡ ଉପରେ ବିପଦ ଅବସ୍ଥାରେ । ଏମିତି ଅନେକ ଘଟଣା ସାମନାକୁ ଆସୁଛି । ଏଭଳି ଅନେକ ଘଟଣା ପ୍ରତିଟି ସମୟରେ ଗଣମାଧ୍ୟମ ଓ ଖବରକାଗଜରେ ଦେଖିବାକୁ ମିଳୁଛି । ଏହା ବର୍ତ୍ତମାନ ଏକ ବଡ ସମସ୍ୟାରେ ପରିଣତ ହୋଇଛି । ପିଲାମାନଙ୍କୁ ସେଥିରୁ ନିବୃତ୍ତ କରିବାର ଆବଶ୍ୟକତା ଖୁବ ଅଧିକ ରହିଛି ନହେଲେ ଆଗକୁ ସ୍ଥିତି ବିଗିଡିପାରେ । ଧୀରେଧୀରେ ପିଲାମାନେ ରିଲ୍ସ କରିବା ପାଇଁ ନିଜ ଜୀବନକୁ ବିପଦରେ ପକାଇବା ବଢିଗଲାଣି, ତେଣୁ ଏଦିଗରେ ଆଗ ଅଭିଭାବକଙ୍କୁ ପଦକ୍ଷେପ ନେବାର ଅଛି ।

ବଢୁଚି ମାନସିକ ଚାପ

ପ୍ରଥମେ ରିଲ୍ସ କରିବା ମନୋରଞ୍ଜନ ପାଇଁ ଆରମ୍ଭ ହୋଇଥାଏ ହେଲେ ଧୀରେଧୀରେ ଏହାର ମାନସିକ ଚାପ ପିଲାଙ୍କ ଉପରେ ପଡୁଥିବା ଦେଖିବାକୁ ମିଳୁଛି । ସବୁବେଳେ କିଭଳି ଭଲ କଣ୍ଟେଣ୍ଟରେ ରିଲ୍ସ ତିଆରି କରିବେ ସେନେଇ ଚାପରେ ରହୁଛନ୍ତି । କିଭଳି ସେମାନଙ୍କ ରିଲ୍ସ ସମସ୍ତଙ୍କୁ ଠାରୁ ଭିନ୍ନ ହେବ ଏବଂ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ସେଥିପାଇଁ ସେମାନେ ଚେଷ୍ଟିତ ରହୁଛନ୍ତି । ହେଲେ କିଛି ପିଲାଙ୍କ କ୍ଷେତ୍ରରେ ଏହି ଚେଷ୍ଟା ଡିପ୍ରେସନରେ ପରିଣତ ହେଉଛି ଏବଂ ସେମାନେ ରୋଗୀ ହୋଇଯାଉଛନ୍ତି । ସେମାନଙ୍କ ନିକଟରେ ବିଭିନ୍ନ ମାନସିକ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳୁଛି । ତେଣୁ ମନୋରଞ୍ଜନ ପାଇଁ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟ ମୁଣ୍ଡବିନ୍ଧାର କାରଣ ସାଜୁଛି ।

ରିଲ୍ସକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ନିଜର ଦୈନନ୍ଦିନ ଜୀବନକୁ ସଜାଡିବାକୁ ପଡିବ । ଆସନ୍ତୁ ଜାଣିବା ସେହିଭଳି କିଛି ଟିପ୍ସ ସମ୍ପର୍କରେ.....

ସ୍କ୍ରିନ୍ ଟାଇମ୍‌କୁ ଦିଅନ୍ତୁ ଧ୍ୟାନ

ପ୍ରଥମେ ପିଲାର ହେଉ କିମ୍ବା ନିଜର ସ୍କ୍ରିନ୍ ଟାଇମ୍‌କୁ ଧ୍ୟାନ ଦିଅନ୍ତୁ । ଦିନକୁ କେତେ ସମୟ ମୋବାଇଲ ଦେଖୁଛନ୍ତି ତାହାକୁ ପ୍ରଥମେ ଜାଣନ୍ତୁ । ଏହାପରେ ଟାଇମ୍ ଲିମିଟ୍ ସେଟ କରନ୍ତୁ, ଯାହା ପ୍ରାଥମିକ ପାହାଚ ହେବ ଏହି ସମସ୍ୟାରୁ ମୁକୁଳିବାକୁ । ତେବେ ଏହି ପ୍ରକ୍ରିୟାକୁ ଧୀରେଧୀରେ କମାନ୍ତୁ ଏକାଥରେ ପୁରା କମାଇଲେ ଆପଣ ସମସ୍ୟାରେ ପଡିପାରନ୍ତି ।

ଅନ୍ୟ କାର୍ଯ୍ୟରେ ମନ ଦିଅନ୍ତୁ

ପ୍ରଥମେ ନିଜର ଭିନ୍ନ ସଉକ ବଢାନ୍ତୁ । ରିଲ୍ସ ଦେଖିବା କମାଇବା ପାଇଁ ପ୍ରଥମେ ଭଲଲାଗୁଥିବା କାମ ଆରମ୍ଭ କରନ୍ତୁ ଯେପରି ଚିତ୍ର ଆଙ୍କିବା, ବହି ପଢିବା, ସାଙ୍ଗଙ୍କ ସହିତ ବୁଲିବାକୁ ଯିବା, ଖେଳିବା, ଗୀତ ଶୁଣିବା, ଡ୍ୟାନ୍ସ କରିବା ଭଳି । ଏହି ସମସ୍ତ କାମରେ ସମୟ ବିତାନ୍ତୁ ଯେପରି ରିଲ୍ସ ଦେଖିବା ପାଇଁ ସମୟ ହିଁ ବଳିବନି । ଏହା ଏକ ଖୁବ ଗୁରୁତ୍ୱପୂର୍ଣ୍ଣ ଷ୍ଟେପ ଅଟେ, ଏହା ବିଶେଷଭାବେ ସହାୟକ ମଧ୍ୟ ହୋଇଥାଏ ରିଲ୍ସ ଦେଖିବା ନିଶାକୁ କମାଇବାରେ । ସବୁଠାରୁ ବେଶି ସହାୟକ ହେବ ବ୍ୟାୟାମ । ବ୍ୟାୟାମ କରିବାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହିତ ରିଲ୍ସ ଦେଖିବା ପାଇଁ ସମୟ ମଧ୍ୟ ମିଳିବ ନାହିଁ । ଏହିଭଳି ଛୋଟଛୋଟ ଷ୍ଟେପ ନେବା ଫଳରେ ଆପଣ ଏହି ନିଶା ଠାରୁ ଦୂରେଇ ପାରିବେ ।

ନୋଟିଫିକେସନ ବନ୍ଦ କରନ୍ତୁ

ନିଜ ମୋବାଇଲରେ କିଛି ସେଟିଂ ପରିବର୍ତ୍ତନ କରିବାକୁ ପଡିବ । ପ୍ରଥମେ ନିଜ ମୋବାଇଲର ନୋଟିଫିକେସନକୁ ବନ୍ଦ କରନ୍ତୁ । ରିଲ୍ସ କିମ୍ବା ପୋଷ୍ଟ ହେଲେ ଯେପରି ଆପଣ ଜାଣି ପାରିବେ ହିଁ ନାହିଁ । ନୋଟିଫିକେସନ ମିଳିବା ଫଳରେ ଆପଣ ଏହାକୁ ଦେଖିବାକୁ ମନ ବଳାଇବେ, ଏବଂ ପୁଣି ରିଲ୍ସ ଦେଖିବା ଆରମ୍ଭ କରିଦେବେ । ସେହିଭଳି ସବ୍‌ସ୍କ୍ରାଇବ କରିଥିବା ଚ୍ୟାନେଲଠାରୁ ଦୂରରେ ରୁହନ୍ତୁ । ସବୁବେଳେ କେବଳ ମନୋରଞ୍ଜନ ପାଇଁ ଯେତିକି ସମୟ ସେତିକି ସମୟ ଏହାକୁ ଦେଖନ୍ତୁ, ଅଯଥାରେ ନିଜ ସମୟ ନଷ୍ଟ କରନ୍ତୁ ନାହିଁ ।

ଶିକ୍ଷଣୀୟ ରିଲ୍ସ ଦେଖନ୍ତୁ

ଅଯଥା ରିଲ୍ସ ପରିବର୍ତ୍ତେ ଭଲ ଶିକ୍ଷଣୀୟ ରିଲ୍ସ ଦେଖନ୍ତୁ, ଯେପରି ଆପଣଙ୍କୁ କିଛି ଶିଖିବାକୁ ମିଳିବ । ସେହିଭଳି ଏହି ରିଲ୍ସ ଦେଖିବା ପରେ କିଛି ସମୟପରେ ଆପଣ ବନ୍ଦ ମଧ୍ୟ କରିପାରିବେ । ଶିକ୍ଷଣୀୟ ରିଲ୍ସ କେବେ ବି ନିଶାରେ ପରିଣତ ହେବ ନାହିଁ । ଏଥିରେ ଆପଣ ସ୍ୱାସ୍ଥ୍ୟ, ବିଜ୍ଞାନ ଭଳି ଶିକ୍ଷଣୀୟ ବିଷୟକୁ ସାମିଲ କରିପାରିବେ ।

ରୁଟିନ୍ ପ୍ରସ୍ତୁତ କରନ୍ତୁ

ରିଲ୍ସକୁ ପୂରା ଦେଖିବା ବନ୍ଦ ନକରି ଏଥିପାଇଁ ଟାଇମ୍ ଟେବୁଲ ତିଆରି କରନ୍ତୁ । କେତେ ସମୟ ରିଲ୍ସ ଦେଖିବେ, କେଉଁ ସମୟରେ ଏହାକୁ ଦେଖିବା ବନ୍ଦ କରିବେ ଏନେଇ ଏକ ଷ୍ଟ୍ରିଟ ରୁଟିନ୍ ପ୍ରସ୍ତୁତ କରନ୍ତୁ । ଏହି ରୁଟିନ୍‌କୁ ଫଲୋ ମଧ୍ୟ କରନ୍ତୁ । ଚେଷ୍ଟା କରନ୍ତୁ ନିଜେ ପ୍ରସ୍ତୁତ କରୁଥିବା ଟାଇମ୍ ଟେବଲ ଯେପରି ମାନିବେ ।

ପରିବାର ସଦସ୍ୟଙ୍କ ସାହାଯ୍ୟ ନିଅନ୍ତୁ

ବେଳେବେଳେ ରିଲ୍ସ ଦେଖିବା ନିଶା ଏତେ ବଢିଯାଇଥାଏ କି ଏହାକୁ ଛଡାଇବା ସହଜ ହୋଇନଥାଏ । ଏପରି ସ୍ଥଳେ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କ ସାହାଯ୍ୟ ନେଇ ପାରିବେ । ସେମାନଙ୍କ ସାହାଯ୍ୟ ଫଳରେ ଏହାକୁ ନିୟନ୍ତ୍ରଣ କରିବା ସହଜ ହୋଇଯାଏ । ସେମାନଙ୍କ ସହିତ ସମୟ ବିତାନ୍ତୁ, ସମସ୍ତ କଥା ଆଲୋଚନା କରନ୍ତୁ ଯାହାଫଳରେ ସହଜରେ ଆପଣ ଏହି ସମସ୍ୟାରୁ ବାହାରିପାରିବେ ।

ରହିଛି ସକରାତ୍ମକତା

ମୁଦ୍ରାର ଦୁଇପାର୍ଶ୍ୱଭଳି ସବୁ ଘଟଣାର ଦୁଇଟି ଦିଗ ରହିଥାଏ ଗୋଟିଏ ସକରାତ୍ମକ ଥିବାବେଳେ ଅନ୍ୟଟି ନକରାତ୍ମକ ଥାଏ । ସବୁବେଳେ ନକରାତ୍ମକଠାରୁ ଦୂରେଇ ସକରାତ୍ମକତାକୁ ଗ୍ରହଣ କରିବା ବୁଦ୍ଧିମାନର ପରିଚୟହୋଇଥାଏ । ସେହିଭଳି ସବୁବେଳେ ରିଲ୍ସ ଦେଖିବାର ନକରାତ୍ମକତା ଓ ସକରାତ୍ମକତା ଉଭୟ ଦିଗ ରହିଛି । ସବୁବେଳେ ଯେ କୌଣସିଜିନିଷ କିମ୍ବା କଥା ହେଉ ଏହାକୁ ନିୟନ୍ତ୍ରଣ ରେଖା ଭିତରେ ରଖିପାରିଲେ ଏହା ଜୀବନପାଇଁ ଖୁବ ଉପକାରୀ ସାବସ୍ତ୍ୟ ହୋଇଥାଆନ୍ତି ।

ସେହିଭଳି



ରିଲ୍ସ ଦେଖାକୁ ମଧ୍ୟ ନିୟନ୍ତ୍ରଣ ଭିତରେ ରଖିପାରିଲେ ଏହା ଆମ ଜୀବନପାଇଁ ଖୁବ ଉପକାରୀ ହୋଇପାରିବ । ଏଥିରୁ ଆମେ ଅନେକ ଭଲ ଜିନିଷ ଶିଖିବା ସହିତ ସକରାତ୍ମକତା ଦିଗରେ ଏହାର ବ୍ୟବହାର କରିପାରିବା । ତେଣୁ ଆସନ୍ତୁ ଜାଣିବା ରିଲ୍ସକୁ ସକରାତ୍ମକ ଉପାୟରେ କିପରି ବ୍ୟବହାର କରି ପାରିବେ,ଯାହାଫଳରେ ଏହା ଭେଲ ନୁହେଁ ଭଲ ପାଲଟିଯିବ

ସୃଜନଶୀଳତା ବଢାଇଥାଏ

ରିଲ୍ସ କରିବାଫଳରେ ଅନେକ ଲୋକଙ୍କର ଲୁକ୍କାୟିତ ପ୍ରତିଭା ସାମନାକୁ ଆସୁଛି । ଅନେକ କଳାକାରଙ୍କ ସୃଜନଶୀଳତା ବଢୁଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆ ଏଭଳି ଏକ ପ୍ଲାଟଫର୍ମ ଯେଉଁଥିରେ ଭିଡିଓ, ସଙ୍ଗୀତ, ଷ୍ଟୋରୀଟେଲିଂ ଆଦି ସାହାଯ୍ୟରେ ବ୍ୟକ୍ତିଙ୍କର ଲୁକ୍କାୟିତ ପ୍ରତିଭାକୁ ସାମନାକୁ ଆଣିଥାଏ । ସେମାନେ ବିଭିନ୍ନ ପ୍ରକାର ଉପାୟରେ ନିଜ ପ୍ରତିଭାକୁ ସମସ୍ତଙ୍କୁ ସାମନାକୁ ଆଣୁଛନ୍ତି । ତେବେ ଏହାକୁ ନିୟନ୍ତ୍ରଣ ରେଖା ମଧ୍ୟରେ ରହି ବ୍ୟବହାର କରିପାରିଲେ ଅନେକ ପ୍ରତିଭାଙ୍କୁ ଏହା ଜନ୍ମ ଦେବାରେ ସହାୟକ ହୋଇଥାଏ ।

ଦେଉଛି ପରିଚୟ

ଅନେକ ସମୟରେ ଛୋଟଛୋଟ ସହରରେ ଥିବା ପ୍ରତିଭାବାନ କଳାକାର ଅର୍ଥାଭାବରୁ ବଡବଡ ପ୍ଲାର୍ଟଫର୍ମରେ ନିଜ କଳାର ପ୍ରଦର୍ଶନ କରିବାର ସୁଯୋଗ ପାଇ ନଥାଆନ୍ତି । ହେଲେ ଏହି ରିଲ୍ସ ଜରିଆରେ ସେମାନେ ନିଜର ପ୍ରତିଭାକୁ ସମସ୍ତଙ୍କ ସାମନାକୁ ଆଣିବାକୁ ସୁଯୋଗ ପାଉଛନ୍ତି । ସେମାନଙ୍କର ଏକ ନିଜସ୍ୱ ପରିଚୟ ସୃଷ୍ଟି ହୋଇପାରୁଛି । ଏପରି ଅନେକ ଉଦାହରଣ ମଧ୍ୟ ରହିଛି ରିଲ୍ସରୁ ଅନେକ ଅଭିନେତା ମଧ୍ୟ ପାଲଟି ପାରିଛନ୍ତି । ତେଣୁ ଏହି ପ୍ଲାର୍ଟଫର୍ମକୁ ନିୟନ୍ତ୍ରଣ ଭିତରେ ରହି ବ୍ୟବହାର କରିପାରିଲେ ଏହା ଆପଣଙ୍କ ପାଇଁ ବରଦାନ ଭଳି କାର୍ଯ୍ୟ କରିବ, ହେଲେ ଏହାର ନିୟନ୍ତ୍ରଣରେଖାକୁ ବୁଝି କାର୍ଯ୍ୟ କରିବାର ଅଛି ।

ବ୍ୟବସାୟରେ ବ୍ୟବହାର

ରିଲ୍ସ ଓ ସୋସିଆଲ ମିଡିଆରେ ସର୍ଟ ଭିଡିଓର ବହୁଳ ବ୍ୟବହାର ବର୍ତ୍ତମାନ ବ୍ୟବସାୟୀମାନେ କରୁଛନ୍ତି । ଏହି ପ୍ରକ୍ରିୟାରେ ସେମାନେ ଗ୍ରାହକଙ୍କର ନିକଟତର ହୋଇପାରୁଛନ୍ତି। ସହଜରେ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଏହି ପ୍ରକ୍ରିୟାଟିକୁ ବ୍ୟବସାୟୀମାନେ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଅଧିକ ବଡବଡ ବିଜ୍ଞାପନ ବଦଳରେ ଛୋଟ ସର୍ଟ ଭିଡିଓରେ ସେମାନେ ନିଜ ସାମଗ୍ରୀର ବିଜ୍ଞାପନ କରିବାକୁ ପସନ୍ଦ କରୁଛନ୍ତି । ଏଥିରେ ସେମାନଙ୍କର ଲାଭ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଲୋକମାନଙ୍କ ପାଖରେ ନିଜ ସାମଗ୍ରୀକୁ ପହଞ୍ଚାଇବାକୁ ରିଲ୍ସ ବିଶେଷଭାବେ ସହାୟକ ହେଉଛି ।

ଗ୍ଲୋବାଲ କନକେସନ୍

ରିଲ୍ସ ସାହାଯ୍ୟରେ ଗୋଟିଏ ଛୋଟ ଗାଁର ଝିଅଟିଏ ମଧ୍ୟ ବିଶ୍ୱସ୍ତରରେ ପରିଚୟ ପାଇପାରୁଛି । ଏଥିରେ ସେ ନିଜ ଅଞ୍ଚଳର ବିଭିନ୍ନ କଣ୍ଟେଣ୍ଟ ସେୟାର କରି ନିଜ ପରମ୍ପରା ନିଜ ସଂସ୍କୃତି ଓ ଭାଷାକୁ ପୁରା ଦୁନିଆରେ ପହଞ୍ଚାଇ ପାରୁଛି। ଏଭଳି ଅନେକ ଉଦାହରଣ ରହିଛନ୍ତି ଯେଉଁମାନେ ଛୋଟଛୋଟ ଗାଁ ଓ ସହରରୁ ଯାଇ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ଛୋଟ ରିଲ୍ସରୁ ସେମାନେ ପାଲଟିଛନ୍ତି ବଡବଡ ସେଲିବ୍ରିଟି । ସେହିଭଳି କିଛି ଏଭଳି କଣ୍ଟେଣ୍ଟ ମଧ୍ୟ ରହିଛି ଯେଉଁଗୁଡିକ ସାରା ବିଶ୍ୱରେ ଭାଇରାଲ କଣ୍ଟେଣ୍ଟଭାବେ ପରିଚିତ ହୋଇପାରିଛି ।

କ୍ୟାରିୟର

କିଛି ପିଲାଙ୍କ ପାଇଁ ଏହା ଏକ ଭଲ କ୍ୟାରିୟର ଅପସନ୍ ହୋଇପାରୁଛି। ସେମାନେ ପ୍ରଥମରୁ ରିଲ୍ସରୁ ଆରମ୍ଭ କରି ପରେ ବ୍ଲଗର ପାଲଟୁଛନ୍ତି । ଛୋଟଛୋଟ ରିଲ୍ସ କରି ପରିଚୟ ପାଇବା ପରେ ଏହାକୁ କ୍ୟାରିୟର କରି ଆଗକୁ ବଢୁଛନ୍ତି । ଅନେକ ଏଭଳି ଦୃଷ୍ଟାନ୍ତ ରହିଛି ଯେଉଁଥିରେ କଳାକାରମାନଙ୍କର ଖୁବ ଭଲ କ୍ୟାରିୟର ହେଉଥିବା ଦେଖିବାକୁ ମିଳୁଚି। ତେଣୁ ନିୟନ୍ତ୍ରଣ ଓ ନିୟମ ମାନି ରିଲ୍ସ ଓ ବ୍ଲଗିଂକୁ କ୍ୟାରିୟର ମଧ୍ୟ କରିହେବ।

ମନସୁନ୍ ଆସିଲେ କ'ଣ ପିନ୍ଧିବେ ଏହା ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଥାଆନ୍ତି । କାହାସହ କଣ ପିନ୍ଧିଲେ ଏହି ଦିନେ ମ୍ୟାଚହେବ ତାହାକୁ ନେଇ ଅନେକ ପ୍ରଶ୍ନ ଦେଖିବାକୁ ମିଳେ । ତେବେ ଏହି ଦିନେ ଆପଣ ଇଣ୍ଡୋ ଫ୍ୟୁଜନକୁ ଆପଣାନ୍ତୁ ଏହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ ମିଳିବ ।

ଇଣ୍ଡୋ ଫ୍ୟୁଜନ ମନସୁନ୍ ଲୁକ

▶ କୁର୍ତ୍ତି ସହ ସ୍ନିକର

ସର୍ଟ ଏ ଲାଇନ୍ କୁର୍ତ୍ତି ସହିତ ସ୍ନିକରକୁ ପେୟାର କରନ୍ତୁ । ଏହା ଇଣ୍ଡୋ ଫ୍ୟୁଜନ ଲୁକ କ୍ରିଏଟ କରିବାରେ ଏକ ପ୍ରାଥମିକ ସ୍ତର ହୋଇଥାଏ । ଯେ କୌଣସି ରଙ୍ଗର କୁର୍ତ୍ତି ସହିତ ଧଳା ରଙ୍ଗର ସ୍ନିକର ପେୟାର କରିପାରିବେ । ପୂରା ଆଉଟ ଫିଟ୍ ସହିତ ଛୋଟ ବ୍ୟାଗ୍ ଓ ଅକ୍ସିଡାଇଜ୍ଡ ଗହଣା ପିନ୍ଧନ୍ତୁ ସୁନ୍ଦର ଲୁକ ମିଳିବ । ଏହାକୁ ଆପଣ ପାର୍ଟି ପଙ୍କସନରେ କ୍ୟାରୀ କରିପାରିବେ ।

▶ କ୍ରପ ଟପ୍ ଧୋତି ପ୍ୟାଣ୍ଟ୍

ଧୋତି ପ୍ୟାଣ୍ଟ ଖୁବ ହାଲୁକା ହୋଇଥାଏ, ଏହାସହିତ ଏହା ଏକ ପାରମ୍ପରିକ ଲୁକ କ୍ରିଏଟ କରିବାରେ ସହାୟକ ହୋଇଥାଏ । ଏହାସହିତ ଇଣ୍ଡୋ ଫ୍ୟୁଜନ କ୍ରିଏଟ କରିବାକୁ ଚାହୁଁଥିଲେ ଏହାସହିତ କ୍ରପଟପ ପେୟାର କରନ୍ତୁ । ଏହି ଲୁକ ପାଇଁ ହାଫ୍ ବନ୍ ହେୟାର ଷ୍ଟାଇଲ୍ ଓ ଫାବ୍ରିକ ବେଲ୍ଟ ପିନ୍ଧନ୍ତୁ ଖୁବ ସୁନ୍ଦର ଲୁକ ମିଳିବ । ଏହା ବେଶ ଷ୍ଟାଇଲିସ୍ ଲୁକ ହୋଇଥାଏ । ବିଭିନ୍ନ ପର୍ବପର୍ବାଣୀ ଏହା ଫରଫେକ୍ଟ ଷ୍ଟାଇଲିସ୍ ଲୁକ ହୋଇଥାଏ ।

▶ ମିଡି ସ୍କର୍ଟ ଟି ସାର୍ଟ

ଯଦି ଆପଣଙ୍କୁ ସ୍କର୍ଟ ପସନ୍ଦ ତେବେ ମିଡି ସ୍କର୍ଟ ସହିତ ଟି ସାର୍ଟ ପିନ୍ଧନ୍ତୁ ଖୁବ ସୁନ୍ଦର ଲୁକ ମିଳିବ । ଏହା ଇଣ୍ଡୋ ଫ୍ୟୁଜନ କଲେକସନର ସବୁବେଳେ ଟ୍ରେଣ୍ଡରେ ରହୁଥିବା ଷ୍ଟାଇଲ ଅଟେ । ଏହା ସହିତ କିଛି ଷ୍ଟାଇଲିସ୍ ସିମ୍ପଲ ଚପଲ ପିନ୍ଧନ୍ତୁ ଲୁକଟି କମ୍ପିଲ୍ଟ ହେବ ।

▶ ସର୍ଟ କୁର୍ତ୍ତା ଜୋଗର

ପୁଅଙ୍କ ପାଇଁ ମଧ୍ୟ ଏହି ଷ୍ଟାଇଲରେ ଅନେକ ଅପସନ ରହିଥାଏ । ଏହି ଷ୍ଟାଇଲରେ ସର୍ଟ କୁର୍ତ୍ତା ସହିତ ଜୋଗରକୁ ପେୟାର କରନ୍ତୁ ଖୁବ ସୁନ୍ଦର ହୋଇଥାଏ । ସର୍ଟ ଖଦି କଟନ କୁର୍ତ୍ତା ସହିତ ଜୋଗର ପିନ୍ଧନ୍ତୁ ଯାହା ଏକ ଫ୍ୟୁଜନ ଭାଇବ ଦେବ । କୈଣସି ଫ୍ୟାମିଲି ଫଙ୍କସନରେ ଏହାକୁ ଟ୍ରାଏ କରନ୍ତୁ ଖୁବ ସୁନ୍ଦର ହୋଇଥାଏ । ଲୁକ୍ କମ୍ପିଟ କରିବା ପାଇଁ ସ୍ନିକର ପିନ୍ଧନ୍ତୁ ।

▶ ଗ୍ରାଫିକ୍ ଟିସାର୍ଟ ନେହେରୁ ଜାକେଟ୍

ଏହାଏକ ଭାଇରାଲ ଟ୍ରେଣ୍ଡ ଗେଟଅପ କହିଲେ ଭୁଲ ହେବ ନାହିଁ । ଅନେକଙ୍କୁ ଏହି ଗେଟ୍ଅପ କ୍ୟାରୀ କରୁଥିବାର ଦେଖିବାକୁ ମିଳିଥାଏ । ପ୍ଲେନ କିମ୍ବା ପ୍ରିଣ୍ଟେଡ୍ ଗ୍ରାଫିକ୍ ଟି ସାର୍ଟ ସହିତ ସ୍ଲିଭଲେସ୍ ନେହେରୁ ଜାକେଟ ପିନ୍ଧନ୍ତୁ ଖୁବ ସୁନ୍ଦର ଲୁକ କ୍ରିଏଟ ହେବ । ଏହାସହିତ ଜିନ୍ସ ପେୟାର କରନ୍ତୁ । ଏହାକୁ ସ୍କୁଲ କଲେଜ ଫଙ୍କସନ୍ ହେଉ କିମ୍ବା ଘରେ କୌଣସି ଅକେଜନ ସବୁଥିରେ ଏହା ମ୍ୟାଚ ହୋଇ ପାରିବ ।

▶ କର୍ଡ ସେଟ୍

ଆଜିକାଲି କର୍ଡ ସେଟର ଟ୍ରେଣ୍ଡ ଖୁବ ଅଧିକ ଚାଲିଛି । ପ୍ରିଣ୍ଟେଡ କଟନ କର୍ଡ ସେଟକୁ ଏହି ଦିନେ ପିନ୍ଧନ୍ତୁ ଏହା ଏକ ସିମ୍ପଲ ଓ ଆରାମ ଦାୟକ ଲୁକ ଦେବାରେ ସାହାଯ୍ୟ କରିବ । ଏଥିରେ ଆପଣ ଲୋକାଲ ପ୍ରିଣ୍ଟ ମଧ୍ୟ ପିନ୍ଧିପାରିବେ, ଯାହା ଏକ ଟ୍ରାଡିସନାଲ ଲୁକ କ୍ରିଏଟ କରିବ ।

ମୃଣାଳ

mrinalchatterjeeiimc
@gmail.com

କ'ଣ କହନ୍ତି

କରେଣ୍ଟ ନାହିଁ ଜାଣି ବି ଫୋନକୁ ଚାର୍ଜରେ ଦେବାକୁ କହନ୍ତି ସରଳତା । କରେଣ୍ଟ ଆସିବା ପରେ ଫୋନ ଚାର୍ଜ ହେଉଛି ମନେ କରିବା ହେଲା ବିଶ୍ୱାସ ।

ତିନି ଘଣ୍ଟା ପରେ ଆସି ଦେଖିଲି ଯେ ସୁଇଚ୍ ଦେଇନି ଏଇଟା ହେଲା ବୋକାମୀ ।

ଯାହା ହେଇଛି ବାଦ୍ ଦେଇ ପୁଣି ସୁଇଚ୍ ଦେବାକୁ କହନ୍ତି କ୍ଷମା ।

ଆଉ ସୁଇଚ୍ ଦେବା ସାଙ୍ଗେ ସାଙ୍ଗେ ପୁଣି କରେଣ୍ଟ ଚାଲିଯିବାକୁ କହନ୍ତି ମନ ଭାଙ୍ଗିଦେବା ।

କରେଣ୍ଟ ଆସିବାପାଇଁ ଡେରି ହେବ ଭାବି ଫୋନକୁ ସାଙ୍ଗରେ ନେଇ ବାହାରକୁ ଚାଲିଯିବା ହେଲା କନଫିଡେନ୍ସ, ଆତ୍ମବିଶ୍ୱାସ ।

ତିନିଘଣ୍ଟାପରେ ଘରକୁ ଫେରିଆସି ଶୁଣିଲେ ଯେ ଆପଣ ବାହାରିଯିବା ପରେ ପରେ ହିଁ କରେଣ୍ଟ ଆସିଛି, ସେଟା ହେଲା କଟା ଘାରେ ଲୁଣ ଛିଟା ।

ଆଉ ପୁଣି ଅତିଶୀଘ୍ର ଚାର୍ଜରେ ଲଗେଇବା ସାଙ୍ଗେ ସାଙ୍ଗେ କରେଣ୍ଟ ଚାଲିଯିବାକୁ କହନ୍ତି - ଡିଭୋର୍ସ ।

କରେଣ୍ଟ ଆସିପାରେ ଭାବି ତିନିଘଣ୍ଟା ଡେଇଁ ରହିବାକୁ କହନ୍ତି, 'ଶବରୀର ଅପେକ୍ଷା' । ଶବରୀ କିଏ ବୋଲି ଯେଉଁମାନେ ପ୍ରଶ୍ନ କରିବେ, ସେମାନେ ରାମାୟଣ ପଢନ୍ତୁ ।

ତିନିଘଣ୍ଟା ଅପେକ୍ଷା କରି ନିଜ ଉପରେ ବିରକ୍ତ ହୋଇ ମନ ଖରାପକୁ କହନ୍ତି 'ଡିପ୍ରେସନ୍ ।

ଛକ ମୁଣ୍ଡରେ କରେଣ୍ଟ ଅଛି ସେଠି ଚାର୍ଜ କରିହେବ ବୋଲି ଘରୁ ବାହାରି ଯିବାଟା ହେଲା 'ବିକଳ୍ପ ବ୍ୟବସ୍ଥା' ।

ଛକରେ ପହଂଚିବେ, ଅଧା ବାଟରେ ଜାଣିପାରିଲେ ଯେ ଘରେ କରେଣ୍ଟ ଆସିଯାଇଛି, ତାକୁ କହନ୍ତି 'ପୂର୍ବତନ ପ୍ରେମିକ/ପ୍ରେମିକାର ଘରବାହୁଡା' ।

ବର୍ଷାରେ ଘରକୁ ଫେରିବେ ନା ଛକକୁ ଯିବେ ଏଇଟା ଚିନ୍ତା କରିବା ହେଲା 'କନଫ୍ୟୁଜନ' ।

ଭାବିଲେ ଘରକୁ ଫେରିଯିବେ, ଘର ପାଖାପାଖି ଆସିଲା ପରେ ପୁଣି କରେଣ୍ଟ ଚାଲିଗଲା ଏହାକୁ କହନ୍ତି 'ଆଶା ଭଙ୍ଗ' ।

ଆଉ ଏତେ ବାଟ ପଢ଼ିବା ପରେ କିଛି ମନ୍ତବ୍ୟ ନ କରିବା ହେଲା 'ବିଶ୍ୱାସଘାତକତା' ।

(ସୌଜନ୍ୟ: ସାମାଜିକ ଗଣମାଧ୍ୟମ)

ସାମାଜିକ ଶୃଙ୍ଖଳା

ଆମ ସମାଜ-ଜୀବନରେ ଶୃଙ୍ଖଳାର ବଡ଼ ଅଭାବ । ରାସ୍ତାଘାଟ, ବଜାରହାଟ, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ- ସବୁଠି ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ସ୍ଥାନରେ ଏହା ବଡ଼ ଦୃଷ୍ଟିକଟୁ ଭାବେ ସ୍ପଷ୍ଟ ହୁଏ । ଗାଡ଼ି ଚଳାଉଥିଲାବେଳେ । ଟ୍ରାଫିକ ସିଗ୍ନାଲ ପାଖରେ । ରେଳବାଇ ଫାଟକ ପାଖରେ । ଟ୍ରାଫିକ ଜ୍ୟାମ ବେଳେ । ରାସ୍ତା କଡ଼ ବସଷ୍ଟାଣ୍ଡରେ ବସ ଚଢିଲା ବେଳେ । ସବୁଠି କିଛି ଲୋକଙ୍କୁ ଦେଖିବେ ସମସ୍ତଙ୍କୁ ଟପି ଆଗକୁ ଚାଲିଯିବାର ଚେଷ୍ଟା କରୁଥିବେ । ମନ୍ଦିରକୁ ଲୋକେ ଯାନ୍ତି ଶାନ୍ତି ପାଇଁ । ସେଠି ଏତେ ଠେଲାପେଲା ଯେ ଦିଅଁ ଦର୍ଶନଟା ଗଡ଼ ଜିତିଲା ଭଳି ଲାଗେ । ଉନ୍ନତ ଦେଶମାନଙ୍କରେ ଏଟା ଦେଖିବେ ନାହିଁ । ପାଶ୍ଚାତ୍ୟ ଦେଶମାନଙ୍କ କଥା ଛାଡ଼ନ୍ତୁ, ଜାପାନ ଦକ୍ଷିଣ କୋରିଆ, ସିଙ୍ଗାପୁର ଭଳି ଏସୀୟ ଦେଶମାନଙ୍କରେ ବି ସମାଜରେ ଗୋଟେ ଶୃଙ୍ଖଳା ବୋଧ ରହିଛି । ଆମର ସାମାଜିକ ଶୃଙ୍ଖଳାବୋଧ ବୋଲି କିଛି ନାହିଁ । ଆମେ ପୋଲିସ ଡରରେ ହେଲମେଟ ପିନ୍ଧୁ, ଜେବ୍ରା କ୍ରସିଂ ପାଖରେ ଅଟକୁ । ପୋଲିସ ଠିଆ ହୋଇଥିଲେ ଧାଡ଼ିରେ କାଉଣ୍ଟର ଆଗରେ ଠିଆ ହେଉ । ନ ହେଲେ ସମସ୍ତେ ଏକାସାଙ୍ଗରେ କାଉଣ୍ଟର ଭିତରେ ହାତ ପୂରେଇବାର ଚେଷ୍ଟା କରୁ । ଜାପାନରେ ପବ୍ଲିକ ଟ୍ରାନ୍ସପୋର୍ଟରେ ଲୋକେ କଥାବାର୍ତ୍ତା କରନ୍ତି ନାହିଁ, କାଳେ ଆଉ କାହାକୁ ଡିଷ୍ଟର୍ବ ହେବ । ଆମର ଏଠି ଫୁଲ ଭଲ୍ୟୁମରେ ଦକ୍ଷିଣୀ ସିନେମା ଦେଖିବାଠୁଁ, ଫୋନରେ ଚୁଗୁଲି ସେସନ କରିବାଠୁଁ, ଗାର୍ଲଫ୍ରେଣ୍ଡ ସହିତ ଇଲୁ ଇଲୁ - ସବୁ ସର୍ବ ସମକ୍ଷରେ, ସମସ୍ତଙ୍କୁ ଶୁଣେଇ କରନ୍ତି ।

ସମଗ୍ର ଉତ୍ତର ଏବଂ ପୂର୍ବାଞ୍ଚଳୀୟ ରାଜ୍ୟରେ ଏବେ ବୋଲବମ ଯାତ୍ରା ଚାଲିଛି । ସହଜେ ବର୍ଷା ଦିନ ରାସ୍ତାଘାଟରେ ଖାଲ ଖମା ଭର୍ତ୍ତି, ତା'ପରେ ବେଙ୍ଗ ମୁତିବା ବର୍ଷାରେ ରାସ୍ତାରେ ଡ୍ରେନ ପାଣି ଲହଡି ଭାଙ୍ଗୁଛି । ଏ ସମୟରେ ଯାନବାହନ ଚଳାଚଳର କି ଅବସ୍ଥା - ତାହା ଯିଏ ଅଙ୍ଗେ ନିଭାଉଛି ସେ ଜାଣୁଛି । ତା'ଭିତରେ ଦଳଦଳ ବୋଲବମ ଯାତ୍ରୀ । ତାଙ୍କ ପଛେ ପଛେ ମିନି ଟ୍ରକରେ ମ୍ୟୁଜିକ ସିଷ୍ଟମ । ଗୀତ ବାଜୁଛି କୈଲାଶପତି ପାର କରେଗା । ଭକ୍ତମାନେ କୁହାଟୁଛନ୍ତି, ପାର୍ବତୀ ହଜ୍‌ବ୍ୟାଣ୍ଡ ପାର କରେଗା । ଏମିତି ପରିସ୍ଥିତିରେ ପୋଲିସ ବି ଦାରୁଭୁତମୁରାରୀ ହୋଇ ବସିଛନ୍ତି । କାହାକୁ କ'ଣ କହିବେ ! କ'ଣ କରିବେ ? ଏମିତି ସ୍ଥିତି ପାଇଁ ମୋର ଗୋଟେ ପରାମର୍ଶ ଅଛି । ଭୋଜପୁରୀ ଭାଷାରେ ଏଇ ସ୍ଥିତିକୁ ନେଇ ଗୋଟେ ଆଲବମ ଗୀତ ବନ୍ଧାଯାଇଛି - 'ରୋଡମେ କାଁବଡ଼ିଆକେ ଜାମ ବା' । ତାକୁ ଶୁଣନ୍ତୁ ଏବଂ ଏ ଗୀତର ଗାୟକ ଓ ଆଲବମର ନାୟକ ଶ୍ରଦ୍ଧାୟ ଖେସାରୀଲାଲ ଯାଦବଙ୍କୁ ଦେଖନ୍ତୁ ।

ଓଦା ଲୁଗାମାନେ

ସେଦିନ ଓଦା ଲୁଗାମାନେ ଦେବରାଜ ଇନ୍ଦ୍ରଙ୍କ ପାଖରେ ପହଞ୍ଚିଲେ । କହିଲେ, ପ୍ରଭୁ ଆମ କଥା ଟିକେ ବୁଝନ୍ତୁ ।

-ତମର ପୁଣି କି କଥା ?

-ଆଜ୍ଞା, ସପ୍ତାହେ ହେଲାଣି ସୂର୍ଯ୍ୟଦେବଙ୍କ ଦେଖା ନାହିଁ । ଇଆଡ଼େ ବର୍ଷା ଦେବୀଙ୍କ ନାଚ ଚାଲିଛି ଯେ ଚାଲିଛି । ଆମେ ଶୁଖି ପାରୁନୁ । ଆମ ଭିତରୁ କେତେଜଣଙ୍କ ସର୍ଦ୍ଦି କାଶ ହେଲାଣି । କେତେଜଣଙ୍କ ଦେହରୁ ଦୁର୍ଗନ୍ଧ ବାହାରିଲାଣି । ପ୍ରତିଦିନ ସେଥିପାଇଁ ଆମେ ଝାଂଘାସ ବାଣୀ ଶୁଣୁଛୁ । ଆପଣ ତୁରନ୍ତ ଆମ କଥା ବୁଝନ୍ତୁ ।

- ସୂର୍ଯ୍ୟଦେବ କାହିଁକି ଦେଖା ଦଉ ନାହାନ୍ତି ? -ଆମେ କେମିତି ଜାଣିବୁ କାହା ମନରେ କ'ଣ ଅଛି ! ତେବେ କିଏ ଜଣେ କହୁଥିଲା ସେ ମଣିଷମାନଙ୍କ ଉପରେ ରାଗିଛନ୍ତି । ଖରାଦିନେ ତାଙ୍କର ତାପମାତ୍ରା ଟିକେ ବଢିଗଲା ଯେ ମର୍ତ୍ତ୍ୟର ଲୋକମାନେ, ବିଶେଷ କରି ବ୍ୟଙ୍ଗକାର ଆଉ କାର୍ଟୁନିଷ୍ଟମାନେ ତାଙ୍କୁ ଭାରି ଇଲେଇତି କଲେ । ତାଙ୍କୁ କହିଲେ, ସୂର୍ଯ୍ୟ ତୁମେ ଘରକୁ ଯାଅ, ବର୍ଷା ଦେବୀଙ୍କୁ ପଠାଅ । ସେଇଥପାଇଁ ସୂର୍ଯ୍ୟଦେବ ଅଭିମାନ କରି ଘରେ ବସିଛନ୍ତି । -ଏବେ କ'ଣ କରିବା ?

-ଆମେ କେମିତି କହିବୁ ଆପଣ କ'ଣ କରିବେ ! ତେବେ ଅତି ଶୀଘ୍ର ଯଦି କିଛି ପଦକ୍ଷପ ନ ନେଲେ ତେବେ ଆମେ ଧର୍ମଘଟ କରିବୁ । ଦେବରାଜ ଇନ୍ଦ୍ର ଏବେ ଚିନ୍ତାରେ ପଡିଛନ୍ତି କ'ଣ କରିବେ !

ଖରାଦିନ

ଖରାଦିନ ଆସିଗଲେ କିଛି ଝିଅ ଏମିତି ଭାବରେ ମୁହଁ ଢାଙ୍କି ସ୍କୁଟି ଚଲାନ୍ତି, ଯେମିତି ସେମାନେ ବ୍ୟାଙ୍କ ଲୁଟିବାକୁ ଯାଉଛନ୍ତି ।

ଖରାଦିନ-୨

ଶୀତଦିନେ ଆମେ ଖରା ଖାଇବା ପାଇଁ ସୂର୍ଯ୍ୟଙ୍କୁ ଖୋଜୁ । ଏବେ ଖରାଦିନେ ସୂର୍ଯ୍ୟ ଆମକୁ ଖୋଜି ଖୋଜି ମକା-ପୋଡ଼ା କରୁଛି ।

ନାୟକ ଏବଂ ସେଲିବ୍ରିଟି

ନାୟକ ଏବଂ ସେଲିବ୍ରିଟିଙ୍କୁ ଅନେକେ ସମାର୍ଥକ ଶବ୍ଦ ବୋଲି ମନେ କରନ୍ତି । ଉଭୟଙ୍କୁ ବହୁ ଲୋକ ପସନ୍ଦ କରନ୍ତି । କିଛି ଲୋକ ଏମାନଙ୍କ ପଥ ଅନୁସରଣ କରନ୍ତି, ତାଠୁ ଅଧିକ ଲୋକ ଏମାନଙ୍କ ବେଶଭୁଷାକୁ ଅନୁକରଣ କରନ୍ତି । କିନ୍ତୁ ନାୟକ ଆଉ ସେଲିବ୍ରିଟି ସମାର୍ଥକ ଶବ୍ଦ ନୁହେଁ । ସବୁ ସେଲିବ୍ରିଟି ନାୟକ ନୁହନ୍ତି କି ସବୁ ନାୟକ ସେଲିବ୍ରିଟି ନୁହନ୍ତି । ଫରକଟା ହେଲା - ନାୟକ ନିଜକୁ ଉତ୍ସର୍ଗ କରି ଅନ୍ୟ ପାଇଁ କିଛି କରେ, ଏମିତି କିଛି କରେ ଯେଉଁଥିରେ ତା'ର ବ୍ୟକ୍ତିଗତ କିଛି ଲାଭ ନାହିଁ, ହେଲେ ତାହା ଦ୍ୱାରା ବ୍ୟକ୍ତି ବା ସମଷ୍ଟିର କଲ୍ୟାଣ ହୁଏ । ଉଦାହରଣ ସ୍ୱରୂପ ବିହାରର ଦଶରଥ ମାଞ୍ଜି । ଏକା ପାହାଡ଼ କାଟି ରାସ୍ତା ତିଆରି କରିଦେଲା - ଯେମିତି ଗାଁକୁ ଆମ୍ବୁଲାନ୍ସ ଆସିପାରିବ । ଯେମିତି ନୟାଗଡ଼ର ଦାଶରଥି ପଟନାୟକ । ଏକା ଗୋଟେ ବିଶାଳ ଲାଇବ୍ରେରୀ ତିଆରି କରିଦେଲେ । ସେଲିବ୍ରିଟି ହେଲେ ଏଇ ମୁହୂର୍ତ୍ତରେ ଲୋକପ୍ରିୟ ବ୍ୟକ୍ତିତ୍ୱ । ସେ ଲୋକପ୍ରିୟତା ଯେଉଁବାଟରେ ଆସିଥାଉ ନ କାହିଁକି ! ବର୍ତ୍ତମାନ ସମୟର ବିଡ଼ମ୍ବନା ହେଲା ସବୁ ନାୟକଙ୍କୁ ସେଲିବ୍ରିଟି ଭାବେ ଗଣା ଯାଉନାହିଁ କିନ୍ତୁ ସବୁ ସେଲିବ୍ରିଟିଙ୍କୁ ନାୟକ ଭାବେ ଗଣା ଗଲାଣି ଏବଂ ନୟାକୋଚିତ ସମ୍ମାନ ଦିଆ ଗଲାଣି । ଆହୁରି ବିଡ଼ମ୍ବନା ହେଲା ଆମ ନୂତନ ପ୍ରଜନ୍ମ ସେଲିବ୍ରିଟି ହେବାକୁ ଚାହାନ୍ତି, ନାୟକ ନୁହେଁ ।

ମୌନିଙ୍କ କମବ୍ୟାକ

ଧାରାବାହିକ କ୍ୟୁଁ କି ସାସ୍ ଭି କଭି ବହୁ ଥୀ ଧାରାବାହିକକୁ ନେଇ ଅନେକ ଚର୍ଚ୍ଚା ଲାଗିରହିଛି । ଏଥିରେ ପ୍ରଥମ ଭାଗର ଅନେକ କଳାକାର କମବ୍ୟାକ କରୁଥିବାନେଇ ସୂଚନା ରହିଛି । ଏହି ତାଲିକାରେ ପ୍ରଥମେ ସ୍ମୃତିଇରାନି ସାମିଲ ହୋଇଥିଲେ । ବର୍ତ୍ତମାନ ଏହି ତାଲିକାରେ ମୌନି ରାୟ ସାମିଲ ହୋଇଥିବା ଜଣାପଡିଛି । ମୌନିଙ୍କୁ ପ୍ରଥମ ସିରିଜରେ ଦର୍ଶକ ଖୁବ ଭଲପାଇବା ଦେଇଥିଲେ । ତେଣୁ ବର୍ତ୍ତମାନ ମଧ୍ୟ ଦର୍ଶକ ତାଙ୍କର କମବ୍ୟାକ ନେଇ ଖୁବ ଖୁସି ଅଛନ୍ତି । ନୂଆ ସିରିଜ୍ ବା ସିକ୍ୟୁଏଲଟି ମଧ୍ୟ ଖୁବ ଲୋକପ୍ରିୟ ହେବ ଏବଂ ଦର୍ଶକ ଏହାକୁ ଖୁବ ଭଲପାଇବା ଦେବେ ବୋଲି ମେକର୍ସ ଆଶା ରଖିଛନ୍ତି । ଏଥିରେ ଆହୁରି ଏଭଳି ଅଭିନେତାଙ୍କୁ ମଧ୍ୟ ଦେଖିବାକୁ ମିଳିବ ଯେଉଁମାନେ ପୂର୍ବ ଭାଗରେ ନଜର ଆସିଥିଲେ । ଏହି ପ୍ରୋଜେକ୍ଟ ବିଷୟରେ ଜଣା ପଡିବାପରେ ସମସ୍ତ ଫ୍ୟାନ୍ ଖୁବ ଖୁସି ଥିବା ସହ ସୋସିଆଲ ମିଡିଆରେ ଏନେଇ ଆଲୋଚନା କରିବାରେ ଲାଗିଛନ୍ତି ।

ଭଲ ଲାଗିଥାଏ ଆକ୍ସନ

ବଲିଉଡ ଅଭିନେତା ସାହିଦ କପୁର ସବୁବେଳେ ନିଜର ଅଭିନୟ ଓ ଡ୍ୟାନ୍ସ ପାଇଁ ଅନେକ ପ୍ରଶଂସା ସାଉଁଟିଥାଆନ୍ତି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ସାହିଦଙ୍କୁ ଆଗକୁ ଆକସନ୍ ଭୂମିକାରେ ଦେଖିବାକୁ ମିଳିବ । ପୂର୍ବରୁ ମଧ୍ୟ ତାଙ୍କୁ ଏହି ଭୂମିକାରେ ଦେଖିବାକୁ ମିଳିସାରିଛି । ତେବେ ଏହି ଫିଲ୍ମର ଚରିତ୍ର ନେଇ ସେ ଖୁବ ଉତ୍ସାହିତ ଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ସାହିଦଙ୍କୁ ବିଶାଲ ଭରଦ୍ୱାଜଙ୍କ ଫିଲ୍ମ ଅର୍ଜୁନ୍ ଉସ୍ତରାରେ ଦେଖିବାକୁ ମିଳିବ । ଏଥିରେ ତାଙ୍କୁ ଆକସନ୍ ଚରିତ୍ରରେ ଦର୍ଶକ ଦେଖିବେ । ଚରିତ୍ରଟି ତାଙ୍କୁ ଖୁବ ଭଲ ଲାଗିଥିବା ସେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଅଭିନୟରେ ଆକସନ୍ ଚରିତ୍ର ଗୁଡିକ ତାଙ୍କୁ ଖୁବ ଭଲ ଲାଗୁଛି, ଏଥିରେ କ୍ୟାରିୟରେ କିକ୍ ମିଳୁଛି ବୋଲି ସାହିଦ ପ୍ରକାଶ କରିଛନ୍ତି । ସମ୍ପୃକ୍ତ ଫିଲ୍ମରେ ସାହିଦଙ୍କ ସହିତ ତ୍ରିପ୍ତି ଡିମିର, ନାନା ପାଟେକର, ରଣଦୀପ ହୁଡା, ବିକ୍ରାନ୍ତ ମେସି ଆଦି ନଜର ଆସିବେ ।

ଫ୍ୟାନ ନିରାଶ

କିଛି ଦିନ ତଳେ ଦୀପିକା କକ୍କରଙ୍କର ଏକ ନୂଆ ପ୍ରୋଜେକ୍ଟ ଆସିବାନେଇ ସୂଚନା ମିଳିଥିଲା, ଯାହାପରେ ତାଙ୍କ ଫ୍ୟାନମାନେ ଖୁବ ଖୁସି ହୋଇଯାଇଥିଲେ । ହେଲେ ବର୍ତ୍ତମାନର ସୂଚନା ଅନୁସାରେ ସେମାନଙ୍କୁ ପୁଣି ନିରାଶ ହେବାକୁ ପଡିଛି । ନିକଟରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ସମ୍ପର୍କରେ ଜଣା ପଡିଥିଲା । ଏହାପରେ ହୁଏତ ଦୀପିକା ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବାନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ରବି ଦୁବେ ଓ ସରଗୁନ ମେହେତାଙ୍କ ପ୍ରଯୋଜନାରେ ନିର୍ମାଣ କରାଯାଉଥିବା ଧାରାବାହିକରେ ଦୀପିକା ଅଭିନେତା ଭିବିଆନ୍ଙ୍କ ସହିତ ସ୍କ୍ରିନ ସେୟାର କରିବାନେଇ ଜଣା ପଡିଥିଲା । ବର୍ତ୍ତମାନ କିନ୍ତୁ ଏହା ମିଥ୍ୟା ଖବର ବୋଲି ଜଣା ପଡିଛି । ବର୍ତ୍ତମାନ ସେ କେବଳ ନିଜର ସ୍ୱାସ୍ଥ୍ୟ ଓ ପରିବାର ପାଇଁ ଧ୍ୟାନ ଦେଉଛନ୍ତି ବୋଲି ଜଣା ପଡିଛି । ତେବେ ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ଦୁଃଖ ପ୍ରକାଶ କରିଛନ୍ତି ।

ପ୍ରଥମ ପ୍ରତିଯୋଗୀ

ରିଆଲିଟି ଶୋ ବିଗବସ୍ ଆରମ୍ଭ ହେବା ଆଗରୁ ଏହାର ପ୍ରତିଯୋଗୀ ତାଲିକାକୁ ନେଇ ଅନେକ ଆଲୋଚନା ଦେଖିବାକୁ ମିଳିଥାଏ । କିଏ ସିଜିନରେ ଭାଗନେବେ ସେମାନଙ୍କର ନାଁକୁ ନେଇ ଅନେକ ଆକଳନ କରାଯାଇଥାଏ । ଏଥିରେ ଅନେକ ନାମୀ ଦାମୀ କଳାକାରଙ୍କ ନାଁ ଚର୍ଚ୍ଚାକୁ ଆସିଥାଏ । ତେବେ ସୂଚନା ଅନୁସାରେ ଏହାର ୧୯ତମ ସଂସ୍କରଣ ଖୁବ ଶୀଘ୍ର ଆସିବାକୁ ଯାଉଛି । ତେବେ ଏହାର ପ୍ରଥମ ପ୍ରତିଯୋଗୀଭାବେ ଟେଲି ଆକ୍ଟ୍ରେସ ମୀରା ଦେଓସଥଳେ ଫାଇନାଲ ହୋଇଥିବାନେଇ ଚର୍ଚ୍ଚା ହେଉଛି । ତାଙ୍କ ନାଁରେ ବିଗବସ ଟିମ ପକ୍ଷରୁ ମୋହର ମରାଯାଇ ନାହିଁ, ତେଣୁ ଏହା ସତ କି ନାହିଁ ତାକୁ ନେଇ ମଧ୍ୟ ଚର୍ଚ୍ଚା ଲାଗି ରହିଛି । ପୂର୍ବରୁ ମୀରାଙ୍କୁ ଏଥିପାଇଁ ଆପ୍ରୋଚ କରାଯାଇଥିଲେ ମଧ୍ୟ ସେ ମନା କରିଥିଲେ । ହେଲେ ଚଳିତ ଥର ସେ ଏଥିରେ ଭାଗନେବାରୁ ଆଗ୍ରହୀ ଥିବାନେଇ ଆଲୋଚନା ହେଉଥିଲା । ତେବେ ସିଜିନ୍ ଆରମ୍ଭ ହେଲା କିମ୍ବା ବିଗ୍ ବସ୍ ପକ୍ଷରୁ ଔପଚାରିକ ଭାବେ ଘୋଷଣା ହେଲେ ଏନେଇ ସ୍ପଷ୍ଟ ସୂଚନା ଜଣା ପଡିବ ।

ଅଗଷ୍ଟରେ ଆସିବ ଟିଜର

ଅକ୍ଷୟ ଓ ଅର୍ଶଦ ବର୍ସୀଙ୍କର ଜଲି ଏଲ୍ ଏଲ୍ ବି ଫିଲ୍ମ ସିରିଜକୁ ଦର୍ଶକ ସବୁବେଳେ ଭଲ ପାଇବା ଦେଇ ଆସିଛନ୍ତି । ଏହି ଦୁଇ ଯୋଡିକୁ ଅନ୍ସ୍କ୍ରିନ ସମସ୍ତେ ଖୁବ ଭଲ ପାଇବା ଦେଇଥାଆନ୍ତି । ପୂର୍ବରୁ ଦୁଇଟି ଭାଗକୁ ଦର୍ଶକ ପସନ୍ଦ କରିଥିବାବେଳେ ଖୁବଶୀଘ୍ର ଏହାର ତୃତୀୟ ଭାଗ ଅର୍ଥାତ ଜଲି ଏଲ୍ ଏଲ୍ ବି ୩ ଆସିବାକୁ ଯାଉଛି । ଏହାର ଟିଜର ଅଗଷ୍ଟ ମାସରେ ରିଲିଜ୍ ହେବାନେଇ ସୂଚନା ମିଳିଛି । ଅକ୍ଷୟଙ୍କର ଏହି ବର୍ଷ ଅନେକ ଫିଲ୍ମ ଆସି ସାରିଥିବାବେଳେ ଏହା ୨୦୨୫ର ଶେଷ ରିଲିଜ୍ ହେବା ନେଇ ଆଲୋଚନା ହେଉଛି । ଫିଲ୍ମରେ ଅକ୍ଷୟ ଓ ଅର୍ଶଦଙ୍କ ବ୍ୟତିତ ସୌରଭ ଶୁକ୍ଲା, ହୁମା କ୍ୟୁରେସି ଓ ଅମ୍ରିତା ରାଓ ମଧ୍ୟ ନଜର ଆସିବେ । ଫିଲ୍ମକୁ ନେଇ ସୋସିଆଲ ମିଡିଆରେ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି ।



ବରଷା ରାଣୀ

ନିଦାଘର ତାତି ଅପସରି ଗଲା
ବେଙ୍ଗୁଲି ଗାଏ ସ୍ୱାଗତ ରାଗିଣୀ
ଡ଼ାକଇ ଡାହୁକ ବାଂସ କୁଞ୍ଜେ ରହି
ଧରାକୁ ଆସିଲା ବରଷା ରାଣୀ ॥
ମେଘମାଳା ଦେଖି ମୟୂର ନାଚଇ
ମହା ଆନନ୍ଦରେ ପରା
ଘଡଘଡି ନାଦେ ବିଜୁଳି ଚମକେ
ଆଲୋକିତ ହୁଏ ଧରା ॥
ମେଘ ମାଟିର ମିଳନ ପ୍ରୀତିରେ
ପୃଥିବୀ ଶସ୍ୟ ଶ୍ୟାମଳା ଧରେ
ମେଘୁଆ ବାଦଲେ ଇନ୍ଦ୍ରଧନୁ ସପ୍ତରଙ୍ଗ
ମନେ ନୂଆ ଜାଗରଣ ସୃଷ୍ଟି କରେ ॥
ଚାଳରୁ ଝରଇ ବର୍ଷା ଝର ଝର
ପାଣି ଫୋଟକା ଫୁଲଇ
ଗାଁ ଦାଣ୍ଡ ଜଳରେ ଭରପୁର
ଗଛ ଡ଼ାଳେ ଚାତକ ହସଇ ॥
କାଗଜର ଡଙ୍ଗା ଭାସି ଯାଉଥାଏ
ଗାଁ ଦାଣ୍ଡ ପାଣି ଧାରେ
ନାଳି ଟୁକୁ ଟୁକୁ ସାଧବ ବୋହୂଟି
ଚାଲଇ ଭୂଇଁ ଉପରେ ॥
ବର୍ଷାର ସ୍ୱର୍ଶରେ ବିପୁଳ ପୁଲକ
ମନରେ ହରଷ ଭରେ
କୃଷକର ଓଠେ ହସ ଫୁଟି ଉଠେ
ମହା ଆନନ୍ଦରେ ଚାଷ କରେ ॥
ହସୁଛି ଧରିଣୀ ଗାଉଛି ରାଗିଣୀ
ବର୍ଷାର ସ୍ୱର୍ଶକୁ ପାଇ
ସବୁଜ ବନାନୀରେ ସଜ୍ଜିତ
ଧରଣୀ
କି ସୁନ୍ଦର ଦିଶୁଥାଇ ॥

ରମାକାନ୍ତ ଦାସ
ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

ଶ୍ରାବଣ ଆସିଲେ

ଶୈବ ଉପାସକ ସଂଖ୍ୟା ବୃଦ୍ଧିପାଏ
ଶ୍ରାବଣ ମାସ ଆସିଲେ
ଶ୍ରାବଣ ମାସର ସୋମବାର ଦିନ
ଶିବ ମୁଣ୍ଡେ ପାଣି ଢାଳେ ॥
ପବିତ୍ର ଧାର୍ମିକ ମାସ ଭାବରେ ତ
ଶ୍ରାବଣ ମାସ ସ୍ୱତନ୍ତ୍ର
କାଉଡିଆ ଭାଇ ଶିବ ପ୍ରଭୁଙ୍କର
ଜପେ ପଞ୍ଚାକ୍ଷର ମନ୍ତ୍ର ॥
ଶିବଙ୍କ ଚରଣେ ଭକତି ମନରେ
କରିଥାନ୍ତି ଉପାସନା
ଉଦକ ଢ଼ାଳିଲେ ପୂରଣ ହୁଅଇ
ଭକ୍ତଙ୍କ ମନସ୍କାମନା ॥
କିଶୋର କିଶୋରୀ ଯୁବକ ଯୁବତୀ
ଆଉ ପୁଣି ବୁଢାବୁଢ଼ୀ
ମହେଶ ପ୍ରଭୁଙ୍କୁ ସ୍ମରଣ କରିକି
ଛାଡେ ବୋଲବମ୍ ରଡି ॥
ଶୈବ ଦେଉଳରେ ତର୍ପଣ ପାଇଁକି
ନଡ଼ିଆ ସିନ୍ଦୁର ଫୁଲ
ଦେଖିବାକୁ ମିଳେ ଧରିଥିବା ହସ୍ତେ
ପୁଣି ବେଲ ପତ୍ର ଜଳ ॥

ଦଶରଥ ମାଝୀ
କୁରୁମାଟୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ: ୮୨୪୯୨୧୨୪୭୨

ପୃଥିବୀ ବାଘ ଦିବସ

ଆହାକି ସୁନ୍ଦର ଏ ପୃଥିବୀ ଗାତ୍ର
ଜଳ ସ୍ଥଳ ଗିରି-ବନ,
ବିଭିନ୍ନ ପାଦପ ଭିନ୍ନ ଭିନ୍ନ ଜନ୍ତୁ
ରଙ୍ଗ-ବେରଙ୍ଗ ଶୋଭନ ॥
ଭିନ୍ନ ଭିନ୍ନ ପଶୁ-ପକ୍ଷୀଙ୍କର ବାସ
ପଲ୍ଲୀଠାରୁ ଗିରିବନ,
ସେମାନଙ୍କ ନୃତ୍ୟ-ଗୀତରେ ମୋହିତ
ସର୍ବ ଜନ ମନ ପ୍ରାଣ ॥
କିଛି ପଶୁ-ପକ୍ଷୀ ଗୃହପାଳିତ ଯେ
ବନୋଦ୍ୟାନେ ବିଚରଣ,
ଅନ୍ୟ କିଛି ଆମ ଜୀବନେ ବିପଦ
ବନ୍ୟ ଜନ୍ତୁ ଆକ୍ରମଣ ॥
ବାଘ ସିଂହ ଭାଲୁ ଆଦି ବନ୍ୟ ପ୍ରାଣୀ
ମାଂସାଶୀ ଭାବେ ଗଣନ,
ଜଙ୍ଗଲରେ ଅବା ଚିଡ଼ିଆଖାନାରେ
ବିଚରଣ କି ବନ୍ଧନ !
ବାଘ ଅଟେ ଆମ ଜାତୀୟ-ପଶୁ ଯେ
ସୁରକ୍ଷା ବ୍ୟାଘ୍ର ପ୍ରକଳ୍ପ,
ମାରାତ୍ମକ ଜନ୍ତୁ ହେଲେ ବି ଆମର
ଶୋଭେ ବାଘ-ମାମୁ ଗଳ୍ପ ॥
ମହାବଳ ଅବା କଲରାପତ୍ରିଆ
ଚିତାବାଘ ସୁଶୋଭନ,
ବାଘ-ଛାଲ ଅତି ସୁନ୍ଦର ଅମୂଲ୍ୟ
ଶିବଙ୍କର ବସ୍ତ୍ରାସନ ॥
ଜୁଲାଇ ମାସର ଅଣତିରିଶ ଯେ
ପୃଥିବୀ ବାଘ ଦିବସ
ସରକାରଙ୍କର ସୁରକ୍ଷା ଯୋଜନା
ହେଉ ସଫଳ ସରସ ॥

ଶମ୍ଭୁନାଥ ଦାସ
କୋଲକାତା
ମୋ: ୯୦୩୮୩୯୭୧୩୫

କୁକୁଡ଼ା ଡାକିଲା କୁକୁଡୁ କୁ

କୁକୁଡ଼ା ଡାକିଲା କୁକୁଡୁ କୁ
ଦିନ ହେଲା ରାତି ମାରିଲା ଛୁ
ଚଢ଼େଇ ଗାଇଲେ ଗୀତ
ବାଆ ଝୁଲଣାରେ ଝୁଲିଝୁଲି ଯାଇ
ମେଘକୁ କରିଲେ ମିତ ॥
ଆ' କଳା ମେଘ ବରଷି ଯାଆ
ବୋହି ନେ ଯେତେ ତତଲା ବାଆ
ଫଳେଇ ଦେଏରେ ଫଳ
ରହିବୁ, ଖାଇବୁ,ବସା ବି ବାନ୍ଧିବୁ
ଛାଡ଼ିବୁନି ଗଛ ଡାଳ ॥
ଗଛରେ ଧରିଲା ପିଜୁଳି କଷି
କୁନି ଚଢ଼େଇଟି ଖାଇଲା ବସି
ପିଜୁଳି ଲାଗିଲା କଷା
ଆଖେ ପାଖେ ଥିଲେ ଯେତେ ଚଢ଼େଇ
ଦେଲେଟି ମୁରୁକି ହସା ॥

ରଶ୍ମି ରଂଜନ ସାହୁ
କଳିଙ୍ଗ ବିହାର, ସାକ୍ଷୀଗୋପାଳ, ପୁରୀ

ଆସିଲା ମୌସୁମୀ

ମୌସୁମୀ ଖବର ଆଣି ଦେଲା ଖୁସି,
ବର୍ଷାରେ ଗ୍ରୀଷମ ଚାଲିଗଲା ରୁସି ।
ମେଘରେ ଭୂମି ହେଲା ପରିପୂର୍ଣ୍ଣ,
ମାଟିର ବାସ୍ନାରେ ଭରିଗଲା ମନ ।
ନୂଆ ବୋହୂ ଭଳି ହୋଇ ସଜବାଜ,
ଗଛଲତା ସବୁ ଦିଶିଲେ ସବୁଜ ।
ସାରୁଗଛ ମୂଳେ ବର କନ୍ୟା ମେଳି,
ପୋଖରୀ ହୁଡ଼ାରେ ପଡ଼େ ହୁଳହୁଳି ।
କେଁ କଟରରେ କମ୍ପିଲା ଧରା,
ଛତାଧରି କୁନି ଗଲା ପାଠଶାଳା ।
ଆକାଶେ କି ରଙ୍ଗ ରଙ୍ଗିଲା ପ୍ରକୃତି,
ଇନ୍ଦ୍ରଧନୁ ରଙ୍ଗେ ଚମକେ ଧରିତ୍ରୀ ।

ତସନିମ୍ ସୁଲତାନା
ଫକୀରସାହି, କାକଟପୁର, ପୁରୀ

ବାଃରେ ଲିଲା

ଗତ ବର୍ଷେ ତଳେ ମଧ୍ୟପ୍ରଦେଶ ସିଧି ଜିଲ୍ଲା ଖଡ୍ଡି ଖୁର୍ଦ୍ଦ ଅଞ୍ଚଳର ବଗୋୟା ଟୋଲା ନିବାସୀ ସୋସାଲ ମିଡିଆ ଇନ୍‌ଫ୍ଲୁଏନ୍ସର ବା ୟୁଟ୍ୟୁବର୍ ଲିଲା ସାହୁ ଭିଡିଓ ପ୍ରସ୍ତୁତ କରି ତାଙ୍କ ଗାଁକୁ ପକ୍କା ସଡ଼କ ନ ଥିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହାପରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ପକ୍ଷରୁ ରାସ୍ତା ଖୁବ୍ ଶୀଘ୍ର ହୋଇଯିବାର ଆଶ୍ୱାସନା ମିଳିଥିଲା। ହେଲେ ଫଳପ୍ରଦ ନ ହେବାରୁ ଲିଲା ପୁଣିଥରେ କଚ୍ଚା ରାସ୍ତାର ଖରାପ ସ୍ଥିତିକୁ ଉଜାଗର କରିବା ଲାଗି ଭିଡିଓ ପ୍ରସ୍ତୁତ କରି ପ୍ରଶାସନ ଓ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଥର ଚର୍ଚ୍ଚାର ବିଷୟ ଥିଲା ଲିଲା ନିଜ ଗର୍ଭାବସ୍ଥାର ଅସହାୟ ସ୍ଥିତିକୁ ଓ ରାସ୍ତା ଲାଗି କେଉଁ ମୁହୂର୍ତ୍ତରେ କିଛି ବି ହୋଇପାରେ ବୋଲି ଦାବି ଉଠାଇଥିଲେ। ଲିଲାଙ୍କ ଭିଡିଓ ଏତେ ମର୍ମସ୍ପର୍ଶୀ ଥିଲା ଯେ ସୋସାଲ ମିଡିଆ ୟୁଜର ଏହାକୁ ରାଷ୍ଟ୍ରୀୟ ଇସୁ ବନାଇ ଦେଇଥିଲେ। ଏହାର ସମାଧାନ କରିବା ଲାଗି ବିଭିନ୍ନ ମହଲରୁ ସ୍ୱର ଉଠିଥିଲା। ଫଳରେ ବାଧ୍ୟ ହୋଇ ପ୍ରଶାସନ ଓ ସ୍ଥାନୀୟ ପ୍ରତିନିଧିଙ୍କ ପକ୍ଷରୁ ଏହାର ଜବାବ ଦେବାକୁ ପଡ଼ିଥିଲା।

ଲିଲା ବିଏ ଶେଷବର୍ଷ ଛାତ୍ରୀ ହୋଇଥିବା ବେଳେ ତାଙ୍କ ସ୍ୱାମୀ ବିଏ ଗ୍ରାଜୁଏଟ୍। ଲିଲା ଜଣେ ଡିଜିଟାଲ କ୍ରିଏଟର ହୋଇଥିବା ବେଳେ ସେ ସର୍ବଦା ଗାଁଗହଳିର ଦୁଃସ୍ଥିତିକୁ ନେଇ ଭିଡିଓ ପ୍ରସ୍ତୁତ କରିଥାନ୍ତି। ବର୍ଷେ ହେଲା ଲିଲା ଏଭି ଭିଡିଓ ପ୍ରସ୍ତୁତ କରି ସଡ଼କ ନିର୍ମାଣ ପାଇଁ ଦାବି କରିଥିଲେ। ଏପିକି ସେ ଏହାର ସମାଧାନ ଲାଗି ଜିଲ୍ଲାପାଳ ଓ ଏସଡିଏମଙ୍କୁ ଆବେଦନ କରିଥିଲେ। ପ୍ରଶାସନିକ ଅଧିକାରୀ ତାଙ୍କ ଘରେ ପହଞ୍ଚି ପ୍ରଶାସନିକ କାଗଜପତ୍ର ଦେଖାଇ କହିଥିଲେ ସଡ଼କ ପ୍ରସ୍ତୁତ ପ୍ରସ୍ତବ ପାରିତ ହୋଇ ସାରିଛି। ଖୁବ୍ ଶୀଘ୍ର ରାସ୍ତା କାମ ଆରମ୍ଭ ହୋଇଯିବ। ହେଲେ ବହୁଦିନ ବିତିଯାଇଥିଲେ ହେଁ କାମ ଆରମ୍ଭ ହୋଇ ନ ଥିଲା। ବାଧ୍ୟହୋଇ ଆଉ ଏକ ଭିଡିଓ କରି ଲିଲା କହିଥିଲେ ବର୍ତ୍ତମାନ ମୁଁ ଗର୍ଭବତୀ। ମୋ ଭଳି ଗାଁରେ ଅନେକ ଗର୍ଭବତୀ ରହିଛନ୍ତି। ମୋତେ ଲାଗୁଛି ଗର୍ଭବେଦନା ହେଲେ ଆମେ ହସ୍ପିଟାଲ ପର୍ଯ୍ୟନ୍ତ ପହଞ୍ଚି ପାରିବୁ ନାହିଁ। ଏ ପ୍ରସଙ୍ଗକୁ ସେ ସାଂସଦ, ସ୍ଥାନୀୟ ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ନେଇଯାଇଥିଲେ। ସେ ଭିଡିଓରେ କହିଥିଲେ ଯେଉଁ ନେତା ସାମାନ୍ୟ ସଡ଼କ ସମସ୍ୟା ସୁଧାରି ପାରୁନାହାନ୍ତି ସେ ବୁଡ଼ି ମରିଯିବା ଦରକାର। ଏହି ଭିଡିଓ ସୋସାଲ ମିଡ଼ିଆରେ ଜୋରଦାର୍ ଭାଇରାଲ ହୋଇଥିଲା।

ଏହି ଭିଡ଼ିଓ ଦେଖି ସ୍ଥାନୀୟ ପିଡବ୍ଲ୍ୟୁଡି ମନ୍ତ୍ରୀ ରାକେଶ ସିଂହ ପ୍ରତିକ୍ରିୟା ଦେଇଥିଲେ- ଲିଲାଙ୍କ ଗାଁ ଭଳି ଅନେକ ସ୍ଥାନ ରହିଛି ଯେଉଁଠି ସଡ଼କ ନିହାତି ଦରକାର। ହେଲେ ପିଡବ୍ଲ୍ୟୁଡି କିମ୍ବା ଅନ୍ୟ କୌଣସି ବିଭାଗ ପାଖରେ ଏତେ ବଜେଟ ନାହିଁ ଯେ କାହାର ସୋସାଲ ମିଡିଆ ପୋଷ୍ଟକୁ ନେଇ ଆମେ ସିମେଣ୍ଟ-କଂକ୍ରିଟ୍ ବା ଡମ୍ବର ନେଇ ରାସ୍ତା ତିଆରି ପାଇଁ ପହଞ୍ଚିଯିବୁ। କେଉଁ ସଡ଼କ କିଏ ତିଆରି କରିବ ଏହାର ବ୍ୟବସ୍ଥା ରହିଛି। ବିଭାଗର ନିର୍ଦ୍ଧାରିତ ସୀମା ରହିଛି। ଏଥିରେ କିନ୍ତୁ ଲିଲା ସନ୍ତୁଷ୍ଟ ହୋଇ ନ ଥିଲେ। ବର୍ଷାରେ ଯିଏ ହୋଇପଡୁଥିବା ରାସ୍ତା ସମସ୍ୟାକୁ ନେଇ ସେ କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ବର୍ତ୍ତା ପହଞ୍ଚାଇ ଦେଇଥିଲେ। ଏପରିସ୍ଥିତିରେ ବିଜେପି ସାଂସଦ ରାଜେଶ ମିଶ୍ର ଯେଉଁ ମତ ରଖିଥିଲେ ତାହାକୁ ନେଇ ବବାଲ ଆରମ୍ଭ ହୋଇଥିଲା। ସେ କହିଥିଲେ 'ଲିଲା ଜୀ ଆପ୍ ଡେଲିଭରୀ ତାରିଖ ବତାଓ, ହମ୍ ଏକ୍ ସପ୍ତାହ ପେହେଲେ ହେଲିକପ୍ଟର ଭେଜ୍‌କେ ଆପକୋ ଉଠାଲେଙ୍ଗେ'। ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯିବ ସହ ଲିଲା ଖୋଦ୍ ମତ ରଖିଥିଲେ ଗାଁରେ ୬-୬ ଜଣ ଗର୍ଭବତୀ, କେତେ ଜଣଙ୍କୁ ଉଠାଇବେ ଆଜ୍ଞା। ଏହାକୁ ନେଇ ରାଜେଶ ମିଶ୍ରା ସଫେଇ ଦେଇଥିଲେ ମୋ କଥାର ଭୁଲ୍ ଦିଗକୁ ଉପସ୍ଥାପନ କରାଯାଉଛି। 'ଉଠ୍‌ବାଲେଙ୍ଗେ'ର ଅର୍ଥକୁ କଦର୍ଥ କରାଯାଉଛି। ମୋର କହିବାର ଅର୍ଥ ହେଲା ଆମ ଏଏନ୍‌ଏମ୍ ୱାର୍କର ଓ ଆଶା କର୍ମକର୍ତ୍ତା ସମୟ ପୂର୍ବରୁ ଲିଲାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଦେବେ। ଲିଲା ସଡ଼କ ନିର୍ମାଣ କଥା କହୁଛନ୍ତି ତାହାର ଯୋଜନା ଅକ୍ଟୋବର ୨୦୨୪ରୁ ହୋଇସାରିଛି। ଏହାର ପ୍ଲାନ୍ ସରକାରଙ୍କୁ ଦିଆଯାଇଛି ଓ ସ୍ୱୀକୃତି ମଧ୍ୟ ମିଳିସାରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଏଜିଏସ୍‌ୱାଇ)ର ଚତୁର୍ଥ ଚରଣର ଆରମ୍ଭ ହେବା ମାତ୍ରେ ଖଡ୍ଡିଖୁର୍ଦ୍ଦରୁ ଗଙ୍ଗାରୀ ପର୍ଯ୍ୟନ୍ତ ୧୦ କିଲୋମିଟର ଲମ୍ବ ରାସ୍ତା ନିର୍ମାଣ ଆରମ୍ଭ ହେବ। ଏ ସମ୍ପର୍କରେ ଲିଲା ସାହୁଙ୍କୁ ସୂଚନା ଦିଆଯାଇଛି ଓ ଇତି ମଧ୍ୟରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି ଯାହାକୁ ସାରିବା ପାଇଁ ଅତି କମ୍‌ରେ ୧୭ ମାସ ସମୟ ଲାଗିବ ବୋଲି ସାଂସଦ କହିଛନ୍ତି।

ଗାଁକୁ ଭଲ ରାସ୍ତାଖଣ୍ଡେ କିଏ ବା ନ ଚାହେଁ। ହେଲେ ଏଥି ପାଇଁ ଅନେକ ସମୟରେ ବୁହଁଆପତ୍ତି, ଅଭିଯୋଗ କରିବାକୁ ପଡ଼ିଥାଏ। ହେଲେ ଏହି ରାସ୍ତା ମରାମତି ଏକ ଭିଡିଓ ଭାଇରାଲ୍ କରି ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି ମଧ୍ୟପ୍ରଦେଶ ସିଧି ଜିଲ୍ଲାର ଗର୍ଭବତୀ ଲିଲା ସାହୁ। ତାଙ୍କ ଭାଇରାଲ୍ ରିଲ୍ସ ଉପରେ ମନ୍ତବ୍ୟ ଦେଇ ସ୍ଥାନୀୟ ବିଧାୟକ ଓ ସାଂସଦ ଟ୍ରୋଲ୍ ହେବା ପରେ ଶେଷରେ ରାସ୍ତା ମରାମତି ଆରମ୍ଭ ହୋଇଛି ଓ ଲିଲା ତାଙ୍କ ଅଭିଯାନରେ ସଫଳ ହୋଇଛନ୍ତି।

କଥାରେ ଅଛି ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ କରାଯାଇଥାଏ । ତେବେ ଏହା କେବଳ ଓଡ଼ିଶାର ପୁରପଲ୍ଲୀ ନୁହେଁ ଶ୍ରୀମନ୍ଦିରରେ ମଧ୍ୟ ପାଳନ ହୋଇଥାଏ । ପ୍ରଭୁଶ୍ରୀଜଗନ୍ନାଥଙ୍କର ମଧ୍ୟ ବର୍ଷସାରା ବିଭିନ୍ନ ନୀତି ଓ ପର୍ବ ପାଳନ ହୋଇଥାଏ । ଆସନ୍ତୁ ଜାଣିବା ସେହି ପର୍ବମାନଙ୍କ ସମ୍ପର୍କରେ ।

ବାର୍ଷିକ ପର୍ବନୀତି



ଗୁରୁବାର ନୀତି

ପ୍ରତ୍ୟେକ ଗୁରୁବାର ଦିନ ସକାଳ ଧୂପ ପରେ ଏହି ନୀତି ହେବାର ନିୟମ ରହିଛି । ଏହି ନୀତି ଶ୍ରୀମନ୍ଦିରର ମାଜଣା ମଣ୍ଡପରେ ଅନୁଷ୍ଠିତ ହୁଏ । ଏହି ନୀତିରେ ମହାଜନ ସେବକ ୬ଜଣ, ଭିତରଛୁ ମହାପାତ୍ର, ସୁଦୁସୁଆର, ପାଳିଆ ପଶୁପାଳକ, ପର୍ବଯାତ୍ରା ଯୋଗାଣିଆ, ବିମାନବଡୁଙ୍କ ଭଳି ଅନେକ ସେବାୟତ କାର୍ଯ୍ୟ କରନ୍ତି । ରତ୍ନସିଂହାସନରୁ ଲକ୍ଷ୍ମୀ ଓ ସରସ୍ୱତୀ , ମଦନମୋହନଙ୍କୁ ଆଣି ମାଜଣା ମଣ୍ଡପରେ ମାଜଣା କରି ଖଟ ଶେଯ ଉପରେ ଦୁଇ ଠାକୁରାଣୀଙ୍କର ଏକାନ୍ତ ନୀତି ହୁଏ । ବର୍ଷର କେତେକ ନିର୍ଦ୍ଦିଷ୍ଟ ଦିନରେ ଏହି ମାଜଣା ଓ ଏକାନ୍ତ ନୀତି ହୁଏ ନାହିଁ ।

ନକ୍ଷତ୍ର ବନ୍ଦପନା

ଯେଉଁଦିନ ରତ୍ନସିଂହସନସ୍ଥ ତିନି ଠାକୁରଙ୍କର ଜନ୍ମଦିନ ନକ୍ଷତ୍ର ପଡେ ସେଦିନ ଏହି ନୀତି ପାଳନ ହୋଇଥାଏ । ଏତିରେ ମନ୍ଦିରର ଅନେକ ସେବାୟତ ସାମିଲ ହୋଇ ଏହି ନୀତିକୁ ପାଳନ କରନ୍ତି । ଏହି ନୀତି ବେଶ୍ ସ୍ୱତନ୍ତ୍ର ହୋଇଥାଏ ।

ଏକାଦଶୀ ପାଳନ

ପ୍ରତ୍ୟେକ ଏକାଦଶୀ ତିଥିରେ ସନ୍ଧ୍ୟା ଆଳତୀପରେ ଏହି ନୀତି ଅନୁଷ୍ଠିତ ହୁଏ । ସୋମବାର ଏକଦଶୀ ପଡିଲେ ଶମ୍ଭୁ ଏକଦଶୀ ପାଳନ ହୁଏ । ଏହାର କିଛି ବିଶେଷ ନିୟମ ରହିଛି ।

ଅମାବାସ୍ୟା ନୀତି

ଏହାକୁ ସାଗରବିଜେ ମଧ୍ୟ କୁହାଯାଇଥାଏ । ଅମାବାସ୍ୟା ପ୍ରତିପଦ ସ୍ପର୍ଶ ହେଲେ ସକାଳୁ ଧୂପ ପରେ ଏହି ନୀତି ହୋଇଥାଏ । ଏଥିରେ ଶ୍ରୀମନ୍ଦିର ବିଭିନ୍ନ ସେବାୟତ ଭାଗ ନେଇଥାଆନ୍ତି । ଆଷାଢ ଅମାବାସ୍ୟାରେ ପ୍ରତିପଦ ସ୍ପର୍ଶ ହେଲେ ଏହି ନୀତି ହୁଏ ନାହିଁ ।

ଯୋଡ ଲାଗି ସେବା

ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ମାଷ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ରତ୍ନସିଂହାସନସ୍ଥ ଠାକୁରମାଙ୍କର ଯୋଡଲାଗି ହୁଏ । ଯୋଡ ଲାଗିଲେ ଶ୍ରୀଜିଉମାନେ ଶୀତଲୁଗା ପିନ୍ଧନ୍ତି ପ୍ରତିଦିନ ଭିନ୍ନଭିନ୍ନ ଯୋଡ ଲାଗି ହୋଇଥାଏ ।

ବନକ ଲାଗି

ପ୍ରତ୍ୟେକ ସପ୍ତାହରେ ବୁଧବାର ବା ଗୁରୁବାରରେ ଦ୍ୱିପ୍ରହରପରେ ଏହି ନୀତି ହୁଏ । ପାଳିଆ ଖୁଣ୍ଟିଆ, ଗରାବଡୁଙ୍କ ଭଳି ଅନେକ ସେବାୟତ ଏଥିରେ ଭାଗ ନେଇଥାଆନ୍ତି । ବନକଲାଗି ପରେ ପୂଜାପଣ୍ଡାମାନେ ଶ୍ରୀଜିଉଙ୍କର ପଞ୍ଚାମୃତରେ ମହାସ୍ନାନ କରନ୍ତି ।

ବେଣ୍ଟ ବା ଶିକାର ନୀତି

ବସନ୍ତ ପଞ୍ଚମୀ ଦିନ ମଧ୍ୟାହ୍ନ ଧୂପ ପରେ ଓ ଜାଗର ଅମାବାସ୍ୟା ପରେ ଶୁକ୍ଳପକ୍ଷ ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ ଓ ଦ୍ୱାଦଶୀରେ ମଙ୍ଗଳ ଆଳତୀ ସରିଲା ପରେ ଶ୍ରୀଜିଉମାନଙ୍କ ପ୍ରତିନିଧି ବେଣ୍ଟ ଶିକାରକୁ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ଯାଆନ୍ତି । ଏହି ନୀତିରେ ଅନେକ ସେବାୟତ ଭାଗନେଇଥାଆନ୍ତି । ଏହି ନୀତିରେ ମଠରେ ପଇଡକୁ ତୀର ମରାଯାଇଥାଏ ।

ସ୍ନାନ ଯାତ୍ରା

ଏହି ନୀତି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୁଏ । ଆଗଦିନ ରାତ୍ରରେ ଲକ୍ଷ୍ମୀ ଓ ମଦନ ମୋହନଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ । ସରସ୍ୱତୀ ଓ ମାଧବଙ୍କୁ ଖଟ ଶେଯ ଘରେ ପଲଙ୍କରେ ବିଜେ କରାଯାଏ । ପୂର୍ଣ୍ଣିମାର ଅତି ପ୍ରତ୍ୟୁଷରୁ ଦଇତାପତି ସେବକମାନେ ଅନ୍ୟାନ ସେବକଙ୍କ ସାହାଯ୍ୟରେ ଶ୍ରୀଜିଉଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଆଣିଥାଆନ୍ତି । ଏଠାରେ ଆମନ୍ତ୍ରିତ ଜଳରେ ଦେବସ୍ନାନ ହୁଏ । ହାତୀ ବେଶ ହୁଏ ଓ ରାତ୍ରିରେ ପହୁଣ୍ଡ ବିଜେରେ ଶ୍ରୀଜିଉମାନେ ଦେଉଳକୁ ଯାଇ ଅଣସର ଘରେ ରୁହନ୍ତି ।

ବୁଢ଼ି ଅସୁରୁଣୀ

ପିଲାଦିନେ ସନ୍ଧ୍ୟା ହେଉ କିମ୍ବା ଅପରାହ୍ନ ସବୁସମୟରେ ଆଇ କିମ୍ବା ଜେଜେ ମାଆଙ୍କୁ ଧରି ଗପ ଶୁଣିବାକୁ ସମସ୍ତେ ବସି ଯାଆନ୍ତି । ସେମାନେ ବି ମନରୁ ଭାବି ଶବ୍ଦକୁ ଶବ୍ଦ ଖଞ୍ଜି ଅନେକ ଗପ କହି ଚାଲନ୍ତି । ସେଥିରୁ କିଛି ବେଶ୍ ମଜାଦାର ହୋଇଥିବାବେଳେ କିଛି ନୀତିଶିକ୍ଷାରେ ଭରପୁର ହୋଇଥାଏ । ପିଲାଙ୍କୁ ସମାଜ ବିଷୟରେ ଅନେକ ଜ୍ଞାନ ଏହି ଗପ ମାଧ୍ୟମରେ ଦିଆଯାଇଥାଏ । ସେହିଭଳି କିଛି ଗପ ଥାଏ ଯାହା ପୁରାପୁରି କାଳ୍ପନିକ ହୋଇଥାଏ, କିନ୍ତୁ ଏଗୁଡ଼ିକ ଶୁଣିବାକୁ ଖୁବ ମଜାଦାର ହୋଇଥାଏ । ଏହି ଗପକୁ ଶୁଣି ଯେଉଁ ପିଲା ନଖାଇ ଜିଦି କରୁଥାଏ ସେ ତାର ଭାତକୁ ଜଲଦି ଜଲଦି ଖାଇଦେଇଥାଏ । ସେହିଭଳି କିଏ ଯଦି ଜିଦି କିଛି ଜିନିଷ ପାଇଁ ଜିଦ୍ ଧରିଥାଏ ତେବେ ସେ ଜିଦ୍ ଛାଡିଦେଇଥାଏ । ଏହିଭଳି ଅନେକ କାହାଣୀ ଭିତରେ ଗୋଟିଏ କାହାଣୀ ହେଲା ବୁଢୀ ଅସୁରୁଣୀ କଥା । ଯେଉଁ ଗପଟିକୁ ସବୁ ଛୋଟପିଲା ଶୁଣିଥିବେ । ତେବେ ଆସନ୍ତୁ ଜାଣିବା କଣ ଏହାର ବିଷୟବସ୍ତୁ.....

ଏକଦା ଗୋଟିଏ ଛୋଟ ଝିଅକୁ ଜଣେ ଅସୁରୁଣୀ ବନ୍ଦି କରି ନେଇଯାଇଥିଲା । ଅସୁରୁଣୀ ପାଖକୁ ଯିବା ସମୟରେ ପିଲାଟି ଖୁବ ଛୋଟ ଥିଲା । ପ୍ରଥମରୁ ଅସୁରୁଣୀ ସହିତ ଝିଅଟି ମିଳିମିଶି ଚଳୁଥିଲା । ସେ ଅସୁରୁଣୀକୁ ନିଜ ପରିବାର ଭାବରେ ଦେଖୁଥିଲା । ହେଲେ ଝିଅଟି ବଡ ହେବା ପରେ ଧୀରେଧୀରେ ତାକୁ ବାହାର ଦୁନିଆ ତାର ଘର ଦୁନିଆ ଭିତରେ ଫରକ ଜଣା ପଡିଲା । ଝିଅଟି ବଡ ହେବାପରେ ବୁଢି ଅସୁରୁଣୀଠାରୁ ମୁକୁଳିବାକୁ ଅନେକ ଚେଷ୍ଟା କଲା । ସେ ତାକୁ ମାରିବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ବିଫଳ ହେଲା । କୌଣସି ଉପାୟରେ ସେ ତାକୁ ମାରିପାରିଲା ନାହିଁ । ଏହାପରେ ସେ ସବୁବେଳେ ମନ ଦୁଃଖରେ ରହିଥାଏ । ଏହାରିଭିତରେ ତାର ସମ୍ପର୍କ ଜଣେ ବାହାରର ପୁଅ ସହ ଗଢିଉଠିଥିଲା । ଉଭୟ ଭଲ ବନ୍ଧୁ ପାଲଟି ସାରିଥିଲେ । ସେ ତାକୁ ବାଟ ବତାଇଲା, ଅସୁରୁଣୀମାନଙ୍କର ଜୀବନ ନାଟିକା କେଉଁଠିଥାଏ କେବଳ ତାଙ୍କୁ ହିଁ ଜଣଥାଏ । ଏହାପରେ ଝିଅଟି ଏକ କୌଶଳ ବାହାର କରି ବୁଢି ଅସୁରୁଣୀଠାରୁ ତାର ଜୀବନ ନାଟିକା ସମ୍ପର୍କରେ ବୁଝିବାକୁ ଚେଷ୍ଟା କଲା । ବୁଢି ଅସୁରୁଣୀ ମୁଣ୍ଡରେ ତେଲ ଲଗାଇବା ବେଳେ ତାକୁ କହିଲା, ମାଆ ଯଦି ତୋର କଣ ହୋଇଯାଏ ତେବେ ମୁଁ କେମିତି ରହିବି । ଏହାର ଉତ୍ତରରେ ଅସୁରୁଣୀ କହିଲା ମୋର କିଛି ହେବନାହିଁ । ମୁଁ ଏତେ ସହଜରେ ମିରିବି ନାହିଁ । ତାପରେ ଝିଅଟି ତାକୁ ପଚାରିଲା କଣ ପାଇଁ । ଏହାର ଉତ୍ତରରେ ବୁଢି କହିଲା ମୋର ଜୀବନ ନାଟିକା ବହୁତ ଭିତରେ ଅଛି । ଏଠାରୁ ଅଳ୍ପ ଦୂରରେ ସାତତାଳ ପାଣିର ଏକ ପୋଖରୀ ରହିଛି । ତା ଭିତରେ ଏକ ସିନ୍ଦୁକ ରହିଛି ଯେଉଁଠିରେ ସାତଟି ଚାବି ପଡିଛି । ତା ଭିତରେ ଏକ ଫରୁଆ ଅଛି ଯେଉଁଥିରେ ଗୋଟିଏ ମନ୍ଦାର ଫୁଲ ରହିଛି । ସେହି ମନ୍ଦାର ଫୁଲ ଭିତରେ ଥିବା ଭଅଁରରେ ମୋ ଜୀବନ ରହିଛି ।



ମୋତେ ମାରିବାକୁ ହେଲେ ସେହି ଭଅଁରକୁ ମାରିବାକୁ ପଡିବ । ଏହାଶୁଣି ଝିଅଟି ହଁ କରି ରହିଲା । ରାତିରେ ଏ ସମ୍ପର୍କରେ ବହୁତ ଭାବିଲା । ସକାଳୁ ବୁଢି ଅସୁରୁଣୀ ଶିକାର କରିବାକୁ ଯିବା ପରେ ଝିଅଟି ନିଜ ସାଙ୍ଗଙ୍କୁ ସମସ୍ତ କଥା ଜଣାଇଥିଲା । ଏହାପରେ ଉଭୟ ମିଶି ସେହି ପାଣିକୁ ଖୋଜିଥିଲେ ଯାହାପରେ ସେଥିରେ ପଶି ସିନ୍ଦୁକ ପାଇଥିଲେ ହେଲେ ତାର ଚାବି ସେମାନଙ୍କ ପାଖରେ ନଥିଲା । ତେଣୁ ସେମାନେ ଫେରି ଆସିଲେ । ଏହାପରେ ଝିଅଟି ବୁଦ୍ଧି ଲଗାଇ ବୁଢିଅସୁରୁଣୀ ପାଖରେ ଥିବା ଚାବିକୁ ସଂଗ୍ରହ କରିଥିଲା । ଯାହାପରେ ସେମାନେ ପୁଣି ସେହି ସ୍ଥାନକୁ ଫେରି ସିନ୍ଦୁକକୁ ଖୋଲିଥିଲେ ଏବଂ ଫରୁଆ କାଢିଥିଲେ । ଏହାପରେ ଅନେକ ପରିଶ୍ରମ କରି ଭଅଁରକୁ ମାରିଥିଲେ । ଯାହାପରେ ଏପଟେ ବୁଢି ଅସୁରୁଣୀ ମଧ୍ୟ ମରିଯାଇଥିଲା । ଏହାପରେ ଝିଅଟି ବୁଢି ଅସୁରୁଣୀ କବଳରୁ ବଞ୍ଚିଯାଇଥିଲା ।

ପିଲାଦିନେ ଗପ ଶୁଣିବାକୁ ସମସ୍ତଙ୍କୁ ଭଲ ଲାଗିଥାଏ । ବିଶେଷ ଭାବେ ଛୋଟ ପିଲାମାନେ ଭୂତ ଗପ ଶୁଣିବାକୁ ବେଶି ଆଗ୍ରହ ଦେଖାଇଥାଆନ୍ତି । ଯାହା ବେଶ୍ ମନୋରଞ୍ଜନକର ହୋଇଥାଏ । ସେହିଭଳି ଏକ ଭୂତ କାହାଣୀହେଲା ବୁଢି ଅସୁରୁଣୀ ।

ଲୋକସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ ହୋଇଛି । ଏହା ଆଇନରେ ପରିଣତ ହେବାକୁ ଆହୁରି ସମୟ ଲାଗିବ । କିନ୍ତୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ପୁନର୍ଗଠିତ ଓ ଅଧିକ ଉତ୍ତରଦାୟୀ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ ।

ବଦଳିବ ସ୍ପୋର୍ଟ୍ସ ଇକୋସିଷ୍ଟମ

ସମରଅଲିମ୍ପିକ୍ସ ଲାଗି ବିଡିଂ କରିବାକୁ ଦେଶ ପ୍ରସ୍ତୁତ ହେଉଥିବା ବେଳେ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ଫଳାଫଳ ଓ ଆଥଲେଟ୍‌ଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସହାୟତା କରିବା ପାଇଁ କ୍ରୀଡ଼ା ପ୍ରଶାସନ ଦୃଶ୍ୟପଟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ର ଉଦ୍ଦେଶ୍ୟ । କ୍ରୀଡ଼ାରେ ଭଲ ଫଳାଫଳ ପାଇବା ସହିତ କ୍ରୀଡ଼ା ମହାସଂଘ ସହ ଜଡ଼ିତ ବିବାଦର ସଂଖ୍ୟାକୁ ହ୍ରାସ କରିବାର ଆବଶ୍ୟକତା ରହିଛି । ମହାସଂଘ ମଧ୍ୟରେ ଗୋଷ୍ଠୀବାଦଓ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ କ୍ରୀଡ଼ାରେ ଦେଶ ଓ ସମ୍ପର୍କିତ ଉନ୍ନତି ପ୍ରଭାବିତ ହେଉଛି ।

ଏହି ବିଲ୍‌ରେ କୌଣସି ବ୍ୟକ୍ତି ଲଗାତର ୩ଥର କ୍ରୀଡ଼ା ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ରହିପାରିବେ । ଅର୍ଥାତ୍ ସେମାନଙ୍କ କାର୍ଯ୍ୟକାଳକୁ ୧୨ ବର୍ଷରେ ସୀମିତ ରଖାଯାଇଛି । ୭୦ ବର୍ଷ ବୟସ କ୍ୟାପ୍ ରଖାଯାଇଛି, ଯାହାକୁ ୭୫କୁ ବୃଦ୍ଧି କରାଯାଇପାରିବ । କିନ୍ତୁ ଏଥିଲାଗି ଅନ୍ତର୍ଜାତୀୟ ସଂସ୍ଥାର ଅନୁମତି ଦରକାର । କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ଲାଗି ୧୫ ବର୍ଷର କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକାରୀ କମିଟିରେ ଅତିକମ୍‌ରେ ଦୁଇ ବିଶିଷ୍ଟ ଆଥ୍‌ଲେଟ୍ ଓ ୪ ମହିଳା ରହିବା ବାଧ୍ୟତାମୂଳକ । କ୍ରୀଡ଼ା ପ୍ରଶାସନରେ ଲିଙ୍ଗଗତ ସମାନତାକୁ ନିଶ୍ଚିତ କରିବା ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଆଥ୍‌ଲେଟଙ୍କୁ ସାମିଲ କରିବା ଏହାର ଉଦ୍ଦେଶ୍ୟ । ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି । ଯାହା ନିୟମ ପ୍ରସ୍ତୁତ କରିବା ସହ ଜାତୀୟ ଫେଡେରେଶନ୍‌ର କାର୍ଯ୍ୟକଳାପକୁ ତଦାରଖ କରିବ । ଏଥିରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ମଧ୍ୟ ସାମିଲ କରାଯାଇଛି । କେନ୍ଦ୍ର ସରକାରଙ୍କ ପାଣ୍ଠି ପାଇବା ପାଇଁ ଦେଶର ପ୍ରତ୍ୟେକ କ୍ରୀଡ଼ା ଫେଡେରେସନକୁ ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ । ଏନ୍‌ଏସ୍‌ବିର ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ କ୍ରୀଡ଼ା ଫେଡେରେସନ୍ ଲାଗି କଠୋର ଦାୟିତ୍ୱ ବ୍ୟବସ୍ଥା ତିଆରି କରିବା । ଯଦି କୌଣସି ମହାସଂଘ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ କମିଟିର ନିର୍ବାଚନ ଆୟୋଜନ କରିବାରେ ବିଫଳ ହୁଏ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ଏନ୍‌ଏସ୍‌ବି ଉକ୍ତ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର କରିପାରିବ । ସେହିଭଳି ବାର୍ଷିକ ଅଡିଟ୍ ରିପୋର୍ଟ ପ୍ରକାଶ କରିବାରେ ବିଫଳତା କିମ୍ବା ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ମହାସଂଘ ବିରୋଧରେ ଏନ୍‌ଏସ୍‌ବି ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯିବ ।

ଦକ୍ଷତା ଓ ସଚ୍ଚୋଟତା ଆଧାରରେ କେନ୍ଦ୍ର ସରକାର ଏନ୍‌ଏସ୍‌ବିର ଚେୟାରମ୍ୟାନ୍ ଓ ଏହାର ସଦସ୍ୟଙ୍କୁ ନିଯୁକ୍ତ କରିବେ । ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍‌ଶନ କମିଟିର ସୁପାରିସ୍ ଆଧାରରେ କରାଯିବ । ସିଲେକ୍‌ଶନ କମିଟିରେ ଚେୟାରମ୍ୟାନ୍ ଭାବେ କ୍ୟାବିନେଟ ସଚିବ କିମ୍ବା କ୍ରୀଡ଼ା ସଚିବ ରହିବେ । ସଦସ୍ୟ ଭାବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ନିର୍ଦ୍ଦେଶକ, ଯେକୌଣସି ଜାତୀୟ କ୍ରୀଡ଼ା ମହାସଂଘର ସଭାପତି କିମ୍ବା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ଦୁଇ କ୍ରୀଡ଼ା ପ୍ରଶାସକଙ୍କ ସହିତ ଦ୍ରୋଣାଚାର୍ଯ୍ୟ କିମ୍ବା ଖେଳରତ୍ନ କିମ୍ବା ଅର୍ଜୁନ ପୁରସ୍କାରପ୍ରାପ୍ତ ଜଣେ ବିଶିଷ୍ଟ କ୍ରୀଡ଼ାବିତ୍ ରହିବେ । କ୍ରୀଡ଼ା ମନ୍ତ୍ରଣାଳୟ ମୁତାବକ, ନିର୍ବାଚନଠାରୁ ଆରମ୍ଭକରି ଚୟନ ଭଳି ୩୫୦ରୁ ଅଧିକ ମାମଲା ଦେଶର ବିଭିନ୍ନ ଅଦାଲତରେ ଚାଲିଛି, ଯାହାକି ଆଥ୍‌ଲେଟ୍ ଓ ଜାତୀୟ କ୍ରୀଡ଼ା ମହାସଂଘର ଉନ୍ନତିରେ ବାଧକ ସାଜୁଛି । ଏଭଳି ସମସ୍ୟାର ସମାଧାନ ଲାଗି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ(ଏନ୍‌ଏସ୍‌ଟି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି । ଏଥିରେ ଜଣେ ଚେୟାରମ୍ୟାନ୍ ଓ ଦୁଇ ସଦସ୍ୟ ରହିବେ । ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ରହିବେ । ସରକାରୀ ପାଣ୍ଠିର ଆବଶ୍ୟକତା ନଥିବାରୁ ବିସିସିଆଇ ଆର୍‌ଟିଆଇ ଅଧୀନରେ ରହିବାକୁ ଦୀର୍ଘବର୍ଷ ହେଲା ବିରୋଧ କରିଆସୁଛି । ହେଲେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିବାରୁ ବିସିସିଆଇକୁ ମଧ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅଧୀନରେ ରହିବାକୁ ପଡ଼ିବ ଏବଂ ସମସ୍ତ ଆଇନ ପାଳନ କରିବାକୁ ହେବ । ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ(ଏନ୍‌ଏସ୍‌ଇପି) ଗଠନ କରିବାକୁ ପ୍ରସ୍ତାବ ରହିଛି । ଏଥିରେ ଏନ୍‌ଏସ୍‌ବିର ସୁପାରିସ୍ କ୍ରମେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କିମ୍ବା ରାଜ୍ୟ ନିର୍ବାଚନ କମିଶନର ପୂର୍ବତନ ସଦସ୍ୟ କିମ୍ବା ରାଜ୍ୟର ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା ଡେପୁଟି ଇଲେକ୍‌ଶନ କମିଶନରଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ । ସେମାନେ ସମସ୍ତ ଜାତୀୟ ମହାସଂଘର କାର୍ଯ୍ୟକାରୀ ପରିଷଦଏବଂ ଜାତୀୟ କ୍ରୀଡ଼ାର ଆଥଲେଟ୍ କମିଟିର ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବେ । 'ଇଣ୍ଡିଆ' କିମ୍ବା 'ଇଣ୍ଡିଆନ୍' କିମ୍ବା ନ୍ୟାସନାଲ କିମ୍ବା କୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଲାଗି କ୍ରୀଡ଼ା ମହାସଂଘକୁ କେନ୍ଦ୍ର ସରକାରଙ୍କଠାରୁ ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ (ଏନ୍‌ଓସି) ନେବାକୁ ପଡ଼ିବ । କେନ୍ଦ୍ର ସରକାର ଯଦି ତାହାକୁ ସାଧାରଣ ସ୍ୱାର୍ଥ ପାଇଁ ଆବଶ୍ୟକ ବୋଲି ମନେକରନ୍ତି, ତେବେ ଏନ୍‌ଓସି ଦେବେ । ଯଦି ସରକାର ପ୍ରସ୍ତାବିତ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ କୌଣସି ଅଧିନିୟମକୁ ବାଦ ଦେବାକୁ ଚାହାନ୍ତି, ତେବେ ମଧ୍ୟ ଦେଇପାରିବେ ।

ବାହାହେବେ ଭେନସ

୪୫ ବର୍ଷ ବୟସରେ ହାତକୁ ଦି ହାତ ହେବାକୁ ଯାଉଛନ୍ତି ଆମେରିକାର ଚର୍ଚ୍ଚିତ ଟେନିସ୍ ତାରକା ତଥା ୭ଟି ଗ୍ରାଣ୍ଡସ୍ଲାମ୍ ବିଜୟିନୀ ଭେନସ୍ ଓ୍ୱିଲିୟମ୍ସ । ସାନ ଭଉଣୀ ସେରେନାଙ୍କ ସହ ମିଶି ମହିଳା ଯୁଗଳରେ ଏକଦା ଆଧିପତ୍ୟ ବିସ୍ତାର କରିଥିବା ଭେନସ୍ ଖୁବଶୀଘ୍ର ଅଭିନେତା ଓ ପ୍ରଯୋଜକ ଆଣ୍ଡ୍ରିଆ ପ୍ରୀତଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଆମେରିକୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ତେବେ ଭେନସ୍ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ନିରବତା ଅବଲମ୍ବନ କରିବା ସହ ଏପର୍ଯ୍ୟନ୍ତ ମୁହଁ ଖୋଲି ନାହାନ୍ତି । ସୂଚନା ଅନୁସାରେ ଉଭୟ କିନ୍ତୁ ଆଗାମୀ ସେପେଟମ୍ବରରେ ବିବାହବନ୍ଧନରେ ଆବଦ୍ଧ ହେବେ । ଏହି ତାରକା ଯୋଡ଼ିଙ୍କ ପ୍ରେମ କାହାଣୀ ଗତବର୍ଷ ଗ୍ରୀଷ୍ମ ଋତୁରେ ଆରମ୍ଭ ହୋଇଥିଲା । ଉଭୟଙ୍କୁ ସେତେବେଳେ ଏକ ବିଳାସପୂର୍ଣ୍ଣ ପାଣି ଜାହାଜରେ ସମୟ କଟାଉଥିବା ଦେଖିବାକୁ ମିଳିଥିଲା । ଏହା ପରେ ଇଟାଲିର ରୋମାରେ ଅଭ୍ୟାସ କରୁଥିଲା ବେଳେ ଭେନସ୍ ଏକ ଆକର୍ଷଣୀୟ ନିର୍ବନ୍ଧ ମୁଦି ପିନ୍ଧିଥିବା ଦେଖିବାକୁ ମିଳିଥିଲା ।

ସର୍ଫରାଜ

୧୭ କେଜି କମିଲେ ସର୍ଫରାଜ

ଭାରତୀୟ କ୍ରିକେଟର୍ ସର୍ଫରାଜ୍ ଖାନ୍ ୧୭ କିଲୋଗ୍ରାମ ଓଜନ୍ କମାଇ ପତଳା ହୋଇଛନ୍ତି । ତାଙ୍କର ଏହି ପରିବର୍ତ୍ତନ କେବଳ କ୍ରିକେଟପ୍ରେମୀ ନୁହନ୍ତି, ସାଥୀ ଖେଳାଳିଙ୍କୁ ମଧ୍ୟ ଅନୁପ୍ରେରିତ କରିଛି । ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଆସୁଥିବା ସର୍ଫରାଜଙ୍କୁ ଇଂଲଣ୍ଡ ଗସ୍ତ ଲାଗି ବିଚାରକୁ ନିଆଯାଇ ନଥିଲା । ଏହି ନିଷ୍ପତ୍ତି ପଛରେ ତାଙ୍କ ମୋଟାପଣ ପ୍ରମୁଖ କାରଣ ଥିଲା ବୋଲି ଅନୁମାନ କରାଯାଉଛି । ଏଣୁ ସର୍ଫରାଜ ଏବେ ନିଜ ଖେଳ ସହ ଫିଟନେସ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟପେୟରେ ନିୟନ୍ତ୍ରଣ ଆଣି ଦୁଇ ମାସ ଭିତରେ ମୋଟାରୁ ପତଳା ହୋଇଯାଇଛନ୍ତି । ତାଙ୍କ ନୂଆ ରୂପ ପଦାକୁ ଆସିବା ପରେ ପ୍ରଶଂସକମାନେ ମୁମ୍ବାଇ କ୍ରିକେଟର୍ ପୃଥ୍ୱୀ ସ'ଙ୍କୁ ଏଥିରୁ କିଛି ଶିକ୍ଷା ଲାଭ କରିବାକୁ ଆହ୍ୱାନ କରିଛନ୍ତି । ଏକଦା ଭାରତୀୟ କ୍ରିକେଟର ଭବିଷ୍ୟତ ଭାବେ ପରିଗଣିତ ହେଉଥିବା ସ' ନିଜ ଖରାପ ବ୍ୟବହାର ଏବଂ ପୃଥୁଳକାୟ ଶରୀର ପାଇଁ ବହୁବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନାହାନ୍ତି । ଏପରିକି ମୁମ୍ବାଇ ରଣଜୀ ଦଳରେ ମଧ୍ୟ ତାଙ୍କୁ ସ୍ଥାନ ମିଳିନି ।

ଚିନ୍ତାରେ ଛେତ୍ରୀ

ଭାରତବର୍ଷର ଶୀର୍ଷ ମାନ୍ୟତାପ୍ରାପ୍ତ ପେସାଦାର ଫୁଟବଲ୍ ଲିଗ୍ "ଆଇଏସ୍ଏଲ୍' ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ହୋଇଯାଇଛି । ସମଗ୍ର ଫୁଟବଲ୍ କ୍ରୀଡ଼ାମଣ୍ଡଳ ଏଥିନେଇ ଚିନ୍ତିତ, ଦୁଃଖିତ ଓ ଭୟଭୀତ । ବ୍ୟକ୍ତିଗତ ଭାବେ ମୁଁ ବି ବହୁତ ଚାପରେ ଅଛି । ଦେଶରେ ଫୁଟବଲର ଭବିଷ୍ୟତ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ନେଇ ଦିନକୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ଆସୁଛି । ସମସ୍ତେ ଭାରତୀୟ ଫୁଟବଲର ଭବିଷ୍ୟତ କ'ଣ ବୋଲି ପ୍ରଶ୍ନ କରୁଛନ୍ତି । ଭାରତରେ ସଂପ୍ରତି ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା "ଫୁଟବଲ୍'ର ସାଂପ୍ରତିକ ସ୍ଥିତିକୁ ନେଇ ଘୋର ଚିନ୍ତା ଜାହିର କରି ପୂର୍ବତନ ଅଧିନାୟକ ତଥା ଭାରତ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍ ଦେଇଥିବା ସୁନୀଲ ଛେତ୍ରୀ ଏହା କହିଛନ୍ତି । ଆଇଏସ୍ଏଲରେ ବେଙ୍ଗାଲୁରୁ ଏଫସିର ପ୍ରତିନିଧିତ୍ୱ କରୁଥିବା ଛେତ୍ରୀ ନିଜ "ଏକ୍ସ' ପୃଷ୍ଠାରେ ଲେଖିଛନ୍ତି, ଭାରତୀୟ ଫୁଟବଲ ସ୍ଥିତି ଅତ୍ୟନ୍ତ ଦୟନୀୟ । ମୋ ପାଖକୁ ଏଥିନେଇ ଖେଳାଳି, ପ୍ରଶିକ୍ଷକ, ଅଧିକାରୀ ଏପରିକି ପଡ଼ିଆ କର୍ମଚାରୀଙ୍କଠାରୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ଆସୁଛି । ଭାରତୀୟ ଫୁଟବଲ୍ ସହ ସଂପର୍କ ଥିବା ପ୍ରତିଟି ବ୍ୟକ୍ତି ଏବେ ଘୋର ଅବସାଦରେ ଅଛନ୍ତି । ସର୍ବଭାରତୀୟ ଫୁଟବଲ୍ ମହାସଂଘ ଏବଂ ଆଇଏସ୍ଏଲର ଆୟୋଜକଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ମାଷ୍ଟର୍ସ ରାଇଟ୍ସ ଏଗ୍ରିମେଣ୍ଟ୍ ବା ଏମ୍ଆର୍ଏ ସ୍ୱାକ୍ଷର ହୋଇ ନଥିବାରୁ ଆଇଏସ୍ଏଲର ୨୦୨୬ ସଂସ୍କରଣକୁ ସ୍ଥଗିତ କରି ଦିଆଯାଇଛି । ଆଇଏସ୍ଏଲ୍ ସାଧାରଣତଃ ସେପ୍ଟେମ୍ବର ଏପ୍ରିଲ୍ ମଧ୍ୟରେ ଖେଳାଯାଉଥିଲା ବେଳେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତି ଡିସେମ୍ବର ୮ ତାରିଖରେ ଶେଷ ହୋଇଯାଉଛି । ସେତେବେଳକୁ ଆଇଏସ୍ଏଲ୍ ତା'ର ତୃତୀୟ ମାସରେ ଥିବ । ଆୟୋଜକଙ୍କ ସହ ଚୁକ୍ତିର ନୂଆ ସର୍ତ୍ତକୁ ନେଇ କୌଣସି ଆଲୋଚନା ନକରିବାକୁ ଏଆଇଏଫ୍ଏଫକୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଏହି କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି ।

ଦୃଷ୍ଟିହୀନଙ୍କ ଦୃଷ୍ଟିରେ ସେ ଦିବ୍ୟଦୃଷ୍ଟି ସମ୍ପନ୍ନ

ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ଉପାଦେୟ ପୁସ୍ତକଗୁଡ଼ିକୁ ସରକାରୀ କିମ୍ବା ଅର୍ଦ୍ଧସରକାରୀ ସ୍ତରରେ ଏପର୍ଯ୍ୟନ୍ତ ସ୍ୱୀକୃତି ମିଳିନାହିଁ। କିନ୍ତୁ ବେସରକାରୀ ସଂସ୍ଥାଙ୍କ ପୁରସ୍କାର ପାଇଁ ସେ ସାଧନାରତ ।

ପ୍ରସ୍ତୁତି: ଇପ୍ସିତା ମହାପାତ୍ର

● ଦୃଷ୍ଟିହୀନ ପିଲାଙ୍କ ପାଇଁ କିଛି କରିବାର ଇଚ୍ଛା କିଭଳି ଆସିଲା ?

➤ ୧୯୯୬ ମସିହାରେ ରେଭେନ୍ସା କଲେଜରେ ଚାକିରି କରିବା ସମୟରେ 'କଲେଜ ୟୁଥ୍ ରେଡକ୍ରସ' ଦାୟିତ୍ୱରେ ଥାଏ । କଲେଜର ପୂର୍ବ ଛାତ୍ରାବାସରେ ରହୁଥି ବାଲୁଙ୍କ ତିନିଜଣ ଦୃଷ୍ଟିହୀନ ପିଲା ରକ୍ତଦାନ ପାଇଁ ଇଚ୍ଛା ପ୍ରକାଶ କରି ଶିବିରରେ ପହଞ୍ଚିଲେ । ଦୁର୍ଯ୍ୟୋଧନ ନାମକ ପିଲାକୁ ତାର ପାଠପଢା ବିଷୟରେ ପଚାରିଲି । ବୁଝିଲି ସେ ଯୁକ୍ତ୩ ପ୍ରଥମ ବର୍ଷରେ ପଢୁଛି । ସେ ଦଶମରେ ୭୨%, +୨ରେ ୬୯% ରଖି ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି । ପାଠ ପଢ଼ିବା ପାଇଁ ସେମାନେ ଟେପରେକର୍ଡ ଓ କ୍ୟାସେଟ ମାଧ୍ୟମରେ ବହିଗୁଡିକୁ ଜଣେ ଚକ୍ଷୁବାନ ପିଲା ମାଧ୍ୟମରେ ପଢାଇ ଏହାକୁ ରେକର୍ଡ କରି ଶୁଣି ପରୀକ୍ଷାରେ ଲେଖନ୍ତି ବୋଲି ଜାଣିଲି । ଯୁକ୍ତ ୨ ପାଠ ପାଇଁ ୧୦ରୁ ୧୨ଟି କ୍ୟାସେଟରେ ଚଳିଯାଉଥିଲା, କିନ୍ତୁ ଯୁକ୍ତ ୩ ପାଇଁ ଏବେ ଅଧିକ କ୍ୟାସେଟ ଲାଗୁଛି । ଏ ବିଷୟରେ ଜାଣିବା ପରେ କଲେଜ ଅଧ୍ୟକ୍ଷ ଡ. ଗିରିଜା ଆଚାର୍ଯ୍ୟଙ୍କୁ ଅନୁରୋଧ କରି କଲେଜ ରେଡକ୍ରସ ତରଫରୁ ସବୁ ଯୁକ୍ତ ୨ ଓ ୩ ପିଲାଙ୍କ ପାଇଁ ଗୋଟିଏ ଗୋଟିଏ ଟେପରେକର୍ଡର ଓ ଯୁକ୍ତ ୨ଙ୍କ ପାଇଁ ୧୦ଟି, ଯୁକ୍ତ ୩ଙ୍କ ପାଇଁ ୧୦୦ଟି କ୍ୟାସେଟ ମାଗଣାରେ ଯୋଗାଇଦେଲି । ଏହି ଘଟଣାପରେ ସେମାନେ ପାଠପଢା ସମସ୍ୟା, ପରୀକ୍ଷା ସମୟରେ ଲେଖକ ଯୋଗାଡ କରିବା ସମସ୍ୟା ମୋ ନିକଟରେ ଉପସ୍ଥାପନା କରିବା ଆରମ୍ଭ କରିଥିଲେ ।

● ଲେଖିଥିବା ତିନୋଟି ପୁସ୍ତକର ପ୍ରେରଣା କିପରି ପାଇଲେ ?

➤ ଦୃଷ୍ଟିହୀନଙ୍କ ପାଇଁ ମୋର ପ୍ରଥମ ପୁସ୍ତକ ହେଉଛି, 'ବ୍ରେଲ ବର୍ଣ୍ଣବୋଧ' । ଏକ ଛୋଟ ଅନୁଭୂତି ଆଧାରରେ ଏହି ପୁସ୍ତକଟି ଲେଖିଥିଲି । କଲେଜର କିଛି ପୁଅ ଓ ଝିଅଙ୍କୁ ନେଇ କଟକ, ନୂଆପଡାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟକୁ ବୁଲି ଯାଇଥିଲୁ । ଉଦ୍ଦେଶ୍ୟଥିଲା ଆମ କଲେଜ ପିଲାଙ୍କୁ ଦୃଷ୍ଟିହୀନ ଛାତ୍ରଙ୍କ ପାଠପଢା ଓ ନିତିଦିନ ଜୀବନଚର୍ଯ୍ୟା ବିଷୟରେ ପ୍ରତ୍ୟେକ୍ଷ ଅନୁଭୂତି ଯୋଗାଇବା । ଭାବବିନିମୟ ସମୟରେ ଗୋଟିଏ ଦୃଷ୍ଟିହୀନ ଛୋଟ ପିଲା ଆମ ପିଲାମାନଙ୍କୁ ଆହ୍ୱାନ କରିଲା ଯେ, ସେ ଅନ୍ଧାରରେ ବହି ପଢିପାରିବ ଏବଂ ଏହା କରି ଦେଖାଇଲା ମଧ୍ୟ । ଏହି ଘଟଣାଟି ଆମ ପିଲାଙ୍କୁ ଆଶ୍ଚର୍ଯ୍ୟ କରିଲା । ସେମାନେ ବ୍ରେଲ ଶିଖିବା ପାଇଁ ମୋ ନିକଟରେ ଆଗ୍ରହ ପ୍ରକାଶ କରିଲେ । ମୁଁ କଲେଜ ଅଧ୍ୟକ୍ଷଙ୍କୁ ଅନୁରୋଧ କରି କଲେଜରେ ଏକ ବ୍ରେଲ ଟ୍ରେନିଂ ସେଣ୍ଟର ଆରମ୍ଭ କରିଲି । ଯେଉଁଠାରେ କଲେଜର କିଛି ଦୃଷ୍ଟିହୀନ ପିଲା ନିଜର ଚକ୍ଷୁଷ୍ମାନ ପିଲାଙ୍କୁ ବ୍ରେଲ ଶିକ୍ଷା ଦେଲେ । ହେଲେ କାର୍ଯ୍ୟକ୍ରମଟି ସଫଳ ହୋଇ ପାରିଲାନାହିଁ। କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପ୍ରଥମେ ନୂଆପଡା ଦୃଷ୍ଟିହୀନ ବିଦ୍ୟାଳୟର କୁନିକୁନି ପିଲାମାନଙ୍କ ଠାରୁ ଓଡିଆ ବର୍ଣ୍ଣମାଳା, ଫଳା ବ୍ୟବହାର ପ୍ରଣାଳୀ ଓ ଯୁକ୍ତାକ୍ଷର ଲିଖନ ଉପାୟ ଶିଖିଲି । ଏହାପରେ ୧୯୯୮ରେ ରେଭେନ୍ସା ୟୁଥ ରେଡକ୍ରସ ସୌଜନ୍ୟରୁ ଏହାକୁ ପ୍ରକାଶ କରାଗଲା । ସେହିଭଳି ଦ୍ୱିତୀୟ ପୁସ୍ତକଟି ବିଜୟ କୁମାର ରଥ ନାମକ ଜଣେ ଦୂରଦୃଷ୍ଟି ସମ୍ପର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତିଙ୍କ ପ୍ରେରଣାରେ ରଚନା କରିଥିଲି । ତୃତୀୟ ପୁସ୍ତକ ପଛରେ ମୋର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ଅନେକ ଦିନହେବ ଦୃଷ୍ଟିହୀନ ପିଲା ଓ ସେମାନଙ୍କ ଅଭିଭାବକଙ୍କ ସମ୍ପର୍କରେ ଆସିବା ପରେ ଏହି ପୁସ୍ତକ ରଚନା କରିଥିଲି । ତେଣୁ ଏହି ବହିଟିକୁ ଦୃଷ୍ଟିହୀନ ଶିଶୁଙ୍କ ମାଆମାନଙ୍କ ପାଇଁ ଉତ୍ସର୍ଗ କରିଛି ଏବଂ ବିନାମୂଲ୍ୟରେ ଡାକ ଯୋଗେ ସେମାନଙ୍କୁ ଯୋଗାଇ ମଧ୍ୟ ଦେଉଛି ।

● କିଭଳି ଓ କେଉଁ ପରିସ୍ଥିତିରେ ଏହି ଯାତ୍ରା ଆରମ୍ଭ ହୋଇଥିଲା ?

➤ କୌଣସି ଏକ ଲକ୍ଷ୍ୟରଖି ଯୋଜନାବଦ୍ଧ ଭାବେ ଏହି ଯାତ୍ରାର ଆରମ୍ଭ ହୋଇନାହିଁ । ରେଭେନ୍ସା କଲେଜରେ ଚାକିରି ସମୟରେ ୟୁଥ ରେଡକ୍ରସ ପିଲାଙ୍କୁ ନେଇ କଟକର ନୂଆପଡା ସ୍ଥିତ ଦୃଷ୍ଟିହୀନ ବଦ୍ୟାଳୟ ପରିଦର୍ଶନ ସମୟଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି । ଘଟଣାଟି ପୂର୍ବରୁ ବର୍ଣ୍ଣିତ ।

● ପୁସ୍ତକଗୁଡିକ କାହା ପାଇଁ ଓ କାହିଁକି ଲେଖିଥିଲେ ?

➤ ବ୍ରେଲ ବର୍ଣ୍ଣବୋଧ ପୁସ୍ତକଟି ୧୯୯୮ ମସିହାରେ ଚକ୍ଷୁଷ୍ମାନ କଲେଜ ପିଲାମାନଙ୍କ ପାଇଁ ଲେଖିଥିଲି । ଉଦ୍ଦେଶ୍ୟଥିଲା କଲେଜର ପିଲାମାନେ ବ୍ରେଲ ଶିଖି ଦୃଷ୍ଟିହୀନ ପିଲାଙ୍କ ପାଇଁ ଛୋଟଛୋଟ ଗଳ୍ପ, କବିତା, ହସକଥା ଆଦି ଲେଖିବେ । ଯାହା ସାହାଯ୍ୟରେ ଏକ ମାସିକ ବ୍ରେଲ ସାହିତ୍ୟ. ପ୍ରତିକା ପ୍ରକାଶ କରିବା । କିନ୍ତୁ ଦୁଃଖର ବିଷୟ ଦୃଷ୍ଟିହୀନ ପିଲାଙ୍କ ପାଇଁ ଏବେ ମଧ୍ୟ ଏଭଳି କୌଣସି ପତ୍ରିକା ଓଡିଶାରେ ନାହିଁ । ସ୍ୱପ୍ନ ଅଧୁରା ରହିଗଲା । ବର୍ତ୍ତମାନ ଲେଖିଥିବା ପୁସ୍ତକ ଉଭୟ ସବୁବର୍ଗର ପାଠକ ଓ ଦୃଷ୍ଟିହୀନ ପିଲାଙ୍କ ଅଭିଭାବକଙ୍କ ପାଇଁ ଉଦିଷ୍ଟ ।

● ପ୍ରାଣୀବିଜ୍ଞାନର ଅଧ୍ୟାପକ ହୋଇଥିବାବେଳେ ଏହି କାର୍ଯ୍ୟ କରିବା କେତେ ଆହ୍ୱାନପୂର୍ଣ୍ଣ ଥିଲା ?

➤ ତଥ୍ୟ ସଂଗ୍ରହ ମୋ ପାଇଁ ଏକ ଆହ୍ୱାନ । କିନ୍ତୁ କୌଣସି ବିଷୟରେ ଓଡ଼ିଆ ବା ଇଂରେଜି ଭାଷାରେ ଲେଖିବା ମୋ ପାଇଁ ଆଦୌ ଏକ ଆହ୍ୱାନ ପୂର୍ଣ୍ଣ ନଥିଲା । କାରଣ ମୁଁ ଜଣେ ପାଠ୍ୟପୁସ୍ତକ ଲେଖକ । ଓଡ଼ିଶାର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥା ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକଶ୍ରେଣୀ ପାଇଁ ମୋର ଅନେକ ବହି ରହିଛି । ଦୃଷ୍ଟିହୀନ ଶିକ୍ଷାର ଇତିହାସ ଓ ଦୃଷ୍ଟିହୀନ ଶିଶୁଙ୍କ ଲାଳନ ପାଳନ ସମ୍ବନ୍ଧରେ ତଥ୍ୟ କୌଣସି ପୁସ୍ତକ ଭାବରେ କୌଣସି ଭାଷାରେ ପ୍ରାୟ ଉପଲବ୍ଧ ନାହିଁ । ତେଣୁ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ସେସବୁର ସମନ୍ୱୟକରଣ ଓ ସ୍ୱଷ୍ଟ ଉପସ୍ଥାପନା ଖୁବ ଅୟମାସାଧ୍ୟ ଏବଂ ଅନୁଭବ ସାପେକ୍ଷ ।

● କିଛି ଅସମ୍ପୁର୍ଣ୍ଣ କାର୍ଯ୍ୟ ରହିଯାଇଛି କି ?

➤ ହଁ, ଦୃଷ୍ଟିହୀନ ଶିକ୍ଷାର ଇତିହାସ ଓ ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ ପରି ପୁସ୍ତକ ଗୁଡିକ ଅନ୍ୟ ଭାରତୀୟ ଭାଷାରେ ଉପଲବ୍ଧ ନୁହେଁ । ଏହାକୁ ଦୃଷ୍ଟିରେ ରଖି ଏହି ପୁସ୍ତକଗୁଡିକୁ ମୁଁ ହିନ୍ଦି ଓ ଇଂରେଜି ଭାଷାକୁ ଅନୁବାଦ କରୁଛି । ଅନୁବାଦିତ ପୁସ୍ତକଗୁଡିକ ଏବେ ପ୍ରେସରେ ଛପାହେବା ଅବସ୍ଥାରେ ରହିଛି ।

● ପରବର୍ତ୍ତୀ ଯୋଜନା କଣ ରହିଛି, ସେ ବିଷୟରେ କିଛି ସାମ୍ୟକ ସୂଚନା ଦିଅନ୍ତୁ ?

➤ ସାଧାରଣ ଚକ୍ଷୁଷ୍ମାନ ଶିଶୁ ତାର ୮୦ ପ୍ରତିଶତରୁ ଅଧିକ ଶିକ୍ଷା ଦୃଷ୍ଟି ମାଧ୍ୟମରେ ଆହରଣ କରିଥାଏ । ସେହି ତଥ୍ୟ ଅନୁସାରେ ଜଣେ ଦୃଷ୍ଟିହୀନ ଶିଶୁ ଚକ୍ଷୁଦ୍ୱାରା ଗ୍ରହଣ କରାଯାଉଥିବା ୮୦ ପ୍ରତିଶତ ଶିକ୍ଷାରୁ ସମ୍ପୁର୍ଣ୍ଣ ବଞ୍ଚିତ । କେବଳ ଚର୍ମ,କାନ, ନାକ ଓ ଜିହ୍ୱା ମାଧ୍ୟମରେ ସଂଗୃହିତ ୨୦ ପ୍ରତିଶତ ଅନୁଭୂତିକୁ ଏକାଠି କରି ପରିବେଶ ବିଷୟରେ ନିଜ ମନଭିତରେ ଏକ ଧାରଣା ଅଥବା ପ୍ରତିଛବି ସୃଷ୍ଟି କରିବାପାଇଁ ଚେଷ୍ଟା କରିଥାଏ । ଯାହା ସତ୍ୟଠାରୁ ଅନେକ ଦୂର ହୋଇପାରେ । ତେଣୁ ସାଧାରଣ ବର୍ଗର ଶିଶୁଙ୍କ ପାଇଁ ରଚିତ ଗଳ୍ପଗୁଡିକ ଦୃଷ୍ଟିହୀନ ଶିଶୁଙ୍କ ପାଇଁ ବୋଧଗମ୍ୟ ନୁହେଁ । ଏହାକୁ ଦୃଷ୍ଟିରେ ରଖି କେବଳ ଦୃଷ୍ଟିହୀନ ଶିଶୁଙ୍କପାଇଁ କେତୋଟି ଗଳ୍ପ ଲେଖିବାପାଇଁ ବର୍ତ୍ତମାନ ଚେଷ୍ଟା ଜାରି ରଖିଛି ।

ଡ. ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ